## ଅଲ୍ଲାଃ ତାଲାଙ୍କ ବାଣୀ

اِنَّ اللّٰہَ لَا یَغۡفِرُ اَنۡ یُّشۡرَکَ بِہٖ وَیَغۡفِرُ
مَا دُوۡنَ ذٰلِکَ لِمَنۡ یَّشَآءُ ؕ وَمَنۡ
یُّشۡرِکۡ بِاللّٰہِ فَقَدۡ ضَلَّ ضَلٰلًۢا بَعِیۡدًا

(النساء:117)

ଅନୁବାଦ- ବାସ୍ତବରେ ଅଲ୍ଲାଃ ତାହାଙ୍କ ସହତ ସମକକ୍ଷ କରାଇବା (ପାପ)କୁ କଦାପି କ୍ଷମା କରିବେ ନାହିଁ; ଏବଂ ତାହାଠାରୁ ନ୍ୟୁନ ଯାହା (ପାପ) ହେବ (ତାହା) ସେ ଯାହାକୁ ଇଚ୍ଛା କ୍ଷମା କରିଦେବେ; ଏବଂ ଯେଉଁ ବ୍ୟକ୍ତି ଅନ୍ୟକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରେ (ତେବେ ମନେରଖ ଯେ) ସେ ନିଶ୍ଚୟ (ସତ୍‌ପଥରୁ) ବହୁତ ଦୁରେଇ ଯାଇଅଛି ।

*(ନିସା: ୧୧୭)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 47

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

19 ନଭେମ୍ବର 2020 | 19 ନବୁଓତ 1399 ହି.ଶ | 03 ରବିଉଲ୍ ସାନି 1442 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ମଣିଷ ପାଇଁ ଏହା ଜରୁରୀ ଯେ ସେ ଆଖିରତ୍ (ପରକାଳ) ଉପରେ ନଜର ରଖି ମନ୍ଦ କାର୍ଯ୍ୟରୁ ତୌବାଃ (ଅନୁତାପ) କରି ସେଥିରୁ ନିବୃତ ରହୁ । କାରଣ ପ୍ରକୃତି ଖୁସି ଏବଂ ପ୍ରକୃତ ଆନନ୍ଦ ଏଥିରେ ଅଛି । ଏହା ନିଶ୍ଚିତ ଯେ କୌଣସି ମନ୍ଦକାର୍ଯ୍ୟ ଓ ପାପକର୍ମ କେବେ କାହାକୁ କ୍ଷଣିକ ପାଇଁ ମଧ୍ୟ ପ୍ରକୃତ ସୁଖ ଦେଇପାରେନା**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ମୁଁ ଦେଖିବାକୁ ପାଉଛି ଯେ ବିପତି ଆସିବା ସତ୍ୱେ ମଧ୍ୟ ଏବଂ ଚାରିଆଡ଼େ ବିପଦ ଓ ବିପର୍ଯ୍ୟୟ ଦେଖା ଦେବା ସତ୍ୱେ ମଧ୍ୟ ଲୋକମାନଙ୍କ ହୃଦୟ ପଥର ପରି କଠିନ ହୋଇଚାଲିଛି ଓ ସେମାନେ ଗର୍ବ ଅହଙ୍କାରରେ ବୁଡ଼ି ରହିଛନ୍ତି । କେତେ ଦିନ ପର୍ଯ୍ୟନ୍ତ ଏହି ମୂର୍ଖ ଲୋକମାନେ ଏହିପରି ଅବହେଳା କରିଚାଲିଥିବେ ? ଯେ ପର୍ଯ୍ୟନ୍ତ ଲୋକମାନେ ସେମାନଙ୍କର ଜିଦ୍‌କୁ ପରିତ୍ୟାଗ ନ କରିଛନ୍ତି, ନିଜକୁ ମନ୍ଦ କାର୍ଯ୍ୟରୁ ଦୂରେଇ ନ ରଖିଛନ୍ତି ଏବଂ ଖୁଦାତାଲାଙ୍କ ସହିତ ସନ୍ଧି ନ କରିଛନ୍ତି ସେ ପର୍ଯ୍ୟନ୍ତ ଏହି ବିପର୍ଯ୍ୟୟ ଓ ଦୁଃଖ ଦୁର୍ଦ୍ଦଶା ଦୂର ହେବ ନାହିଁ । ମୁଁ ଦେଖିଛି ଏବଂ ଅତ୍ୟନ୍ତ ଧ୍ୟାନ ଦେଇ ଦେଖିଛି ଯେ ଦୁର୍ଭିକ୍ଷ ପଡ଼ିଥିବା ସମୟରେ ଲୋକମାନେ ଟିକିଏ ହେଲେ ବି ଏହି ଦୁର୍ଭିକ୍ଷର ବିପତିକୁ ଅନୁଭବ କଲେ ନାହିଁ । ମଦଶାଳା ସେହିପରି ପରିପୂର୍ଣ୍ଣ ଥିଲା ଏବଂ ମନ୍ଦକାର୍ଯ୍ୟ ଓ ଅନୈତିକତା ତା'ର କାୟା ବିସ୍ତାର କରିଥିଲା । ପୂର୍ବେ ଯେତେବେଳେ ମକ୍କା ମଦିନା ନାରେ ନାମକୁ ମାତ୍ର ଫତ୍‌ୱା (ନିର୍ଦ୍ଦେଶ) ଆସୁଥିଲା, ଲୋକମାନେ ଭୟ କରିଯାଉଥିଲେ ଫଳତଃ ମସ୍‌ଜିଦ୍‌ଗୁଡ଼ିକ ଭରି ଯାଉଥିଲା କିନ୍ତୁ ବର୍ତମାନ ଧୃଷ୍ଟତା ଓ ଆପରାଗତା ତା'ର ସମସ୍ତ ସୀମା ଅତିକ୍ରମ କରିଚାଲିଛି । ଅଲ୍ଲାଃ ତାଲା ଦୟା କରନ୍ତୁ ।

ବୁଦ୍ଧିମାନ ବ୍ୟକ୍ତି ହେଉଛି ସେ ଯିଏ ଦଣ୍ଡ ଆସିବା ପୂର୍ବରୁ ହିଁ ଚିନ୍ତା କରିଥାଏ ଏବଂ ଦୂରଦ୍ରଷ୍ଟା ହେଉଛି ସେ ଯିଏ ବିପତି ଆସିବା ପୂର୍ବରୁ ସେଥିରୁ ବଂଚିବା ପାଇଁ ଉପାୟ ପାଂଚିଥାଏ ।

ମଣିଷ ପାଇଁ ଏହା ଜରୁରୀ ଯେ ସେ ଆଖିରତ୍ (ପରକାଳ) ଉପରେ ନଜର ରଖି ମନ୍ଦ କାର୍ଯ୍ୟରୁ ତୌବାଃ (ଅନୁତାପ) କରି ସେଥିରୁ ନିବୃତ ରହୁ । କାରଣ ପ୍ରକୃତି ଖୁସି ଏବଂ ପ୍ରକୃତ ଆନନ୍ଦ ଏଥିରେ ଅଛି । ଏହା ନିଶ୍ଚିତ ଯେ କୌଣସି ମନ୍ଦକାର୍ଯ୍ୟ ଓ ପାପକର୍ମ କେବେ କାହାକୁ କ୍ଷଣିକ ପାଇଁ ମଧ୍ୟ ପ୍ରକୃତ ସୁଖ ଦେଇପାରେନା । ଦୁରାଚାରୀ ଓ ପାପୀମାନେ ସର୍ବଦା ନିଜର ଭେଦ ଖୋଲି ଯିବାର ଭୟରେ ହନ୍ତସନ୍ତ ହୋଇଥାନ୍ତି । ତେବେ ଏପରି ଲୋକ କିପରି ନିଜର କୁକର୍ମ ଯୋଗୁଁ ସନ୍ତୋଷ ଲାଭ କରିପାରିବ ? ଯେଉଁମାନେ ଆଖିରତ (ପରକାଳ) ଉପରେ ଦୃଷ୍ଟି ରଖିଛନ୍ତି ସେମାନେ ସବୁଦିନ ପାଇଁ ଆର୍ଶିବାଦ ପ୍ରାପ୍ତ ହେବେ ।

ଯେଉଁ କୌମ୍‌ଗୁଡ଼ିକ ଉପରେ ସମୟେ ସମୟ ଐଶି ଦଣ୍ଡ ଆସିଛି, ସେମାନଙ୍କ ଅବସ୍ଥା ଉପରେ ଧ୍ୟାନ ଦେଇ ଦେଖନ୍ତୁ । ପ୍ରତ୍ୟେକଙ୍କୁ ଏହା ନିଶ୍ଚିତ କରିବାକୁ ହେବ ଯେ ଯଦି ତା'ର ମନ କଠୋର ମଧ୍ୟ ହୋଇଯାଇଛି ତେବେ ତାକୁ ଭର୍ତ୍ସନା କରି ବିନମ୍ର ହେବାକୁ ଶିକ୍ଷା ଦେଉ । ଯଦି କାନ୍ଦିବା ଜାଣିନାହାନ୍ତି ତେବେ କାନ୍ଦୁଥିବା ଚେହେରା କରିନେଇ ଦେଖିବ ଆପେ ଆପେ ଲୁହ ଝରି ପଡ଼ିବ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୨୧-୨୨୨ ପ୍ରକାଶନ୨୦୧୮ କାଦିୟାନ)***

**ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍ ହେଉଛି ଏକ ଅଦ୍ୱିତୀୟ ଦୁଆ (ପ୍ରାର୍ଥନା) ତେଣୁ ସମସ୍ତ ଛୋଟ ଏବଂ ବଡ଼ ଆବଶ୍ୟକତା ଏବଂ ପ୍ରତ୍ୟେକ ଧାର୍ମିକ ଓ ସାଂସାରିକ କାର୍ଯ୍ୟ ଏହି ଦୁଆ ସାହାଯ୍ୟରେ ସମ୍ପାଦନ କରାଯାଇପାରେ ।**

**ଏହଦେନସ୍ ସିରାତଲ୍ ମୁସ୍‌ତକିମ୍**ର ବ୍ୟାଖ୍ୟା କରି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି:

"ଏହି ଆୟତରେ ଏତେ ଉଚ୍ଚସ୍ତରର ଓ ପୂର୍ଣ୍ଣ ଦୁଆ ଶିକ୍ଷା ଦିଆଯାଇଅଛି ଯାହାର ଦୃଷ୍ଟାନ୍ତ ଅନ୍ୟ କେଉଁଠାରେ ମିଳେନାହିଁ । ଏହି ଦୁଆ କୌଣସି ବିଶେଷ କଥା ପାଇଁ ନୁହେଁ ବରଂ ପ୍ରତ୍ୟେକ ପ୍ରକାରର ଛୋଟ ଓ ବଡ଼ ଆବଶ୍ୟକତା ସମ୍ବନ୍ଧରେ ଏବଂ ପ୍ରତ୍ୟେକ ଧାର୍ମିକ ଓ ସାଂସାରିକ କାର୍ଯ୍ୟ ଏହି ଦୁଆ ସାହାଯ୍ୟରେ ସମ୍ପାଦନ କରାଯାଇପାରେ । ପ୍ରତ୍ୟେକ କାର୍ଯ୍ୟ ତାହା ଧାର୍ମିକ ହେଉ ବା ସାଂସାରିକ, ତାହାକୁ ପୁରଣ କରିବାପାଇଁ କୌଣସି ନା କୌଣସି ଉପାୟ ଥାଏ । ଯଦି ସେହି ଉପାୟକୁ ଅବଲମ୍ବନ କରାଯାଏ ତେବେ ସଫଳତା ମିଳିବ ଅନ୍ୟଥା ମିଳିବ ନାହିଁ । ବେଳେବେଳେ ଗୋଟିଏ କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ଅନେକ ଉପାୟ ଅବଲମ୍ବନ କରିବାର ଉଦାହରଣ ରହିଛି । ସେଥିମଧ୍ୟରୁ କିଛି ଅବୈଧ ଉପାୟ ହୋଇଥାଏ ତ କିଛି ବୈଧ । ଯେଉଁ ବୈଧ ଉପାୟ ରହିଛି ସେଥିରେ ପରିଚାଳିତ ହୋଇ କିଛି ଶିଘ୍ର ପୂରଣ ହୋଇଥାଏ ତ କିଛି ବିଳମ୍ବରେ । **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍** ଦୁଆରେ ଆମକୁ ଏହା ଶିଖାଯାଇଅଛି ଯେ ଆମେ ଅଲ୍ଲାଃ ତାଲାଙ୍କଠାରୁ ସେ ପର୍ଯ୍ୟନ୍ତ ଦୁଆ ମାଗିଚାଲିବା ଯେ ପର୍ଯ୍ୟନ୍ତ ସେ ଆମକୁ ସେହି ଉପାୟ ଆଡ଼କୁ ମାର୍ଗଦର୍ଶନ ନ କରିଛି ଯାହା ଉତମ ଓ ପୂଣ୍ୟ ମାର୍ଗ ଅଟେ ଓ ଯାହା ଉପରେ ଆମେ ପରିଚାଳିତ ହୋଇ ନିଜ ଉଦ୍ଦେଶ୍ୟରେ ସଫଳ ନ ହୋଇଯାଇଛୁ ଓ ଯଥାଶିଘ୍ର ସଫଳ ନ ହୋଇଛୁ । ଏ ଦୁଆ କେଡ଼େ ସରଳ ଓ କେଡ଼େ ସମ୍ପୁର୍ଣ୍ଣ ଦୁଆ ଏବଂ କେଡ଼େ ବ୍ୟାପକ । ଜୀବନର ଏମିତି କୌଣସି ଉଦ୍ଦେଶ୍ୟ ନାହିଁ ଯାହା ଆମେ ଏହି ଦୁଆ ଦ୍ୱାରା ସାଧନ ନ କରିପାରିବା । ଯେଉଁ ବ୍ୟକ୍ତି ଏହି ଦୁଆ (ପ୍ରାର୍ଥନା) କରିବାର ଅଭ୍ୟସ୍ତ, ସେ ବିଭିନ୍ନ ଉପାୟ ଅବଲମ୍ବନ କରି ନିଜର

## ନବୀ ସ:ଆ:ସଙ୍କ ବାଣୀ

**ଆଁ ହଜ୍‌ରତ୍ ସ:ଆ:ସଙ୍କର ଗୋଟିଏ ସୁନ୍ଦର ଦୁଆ (ପ୍ରାର୍ଥନା) ଯାହା ଅଲ୍ଲାଃ ତାଲା ପ୍ରଦାନ କରିଥାନ୍ତି ତାକୁ କିଏ ରୋକିପାରିବ ନାହିଁ ଏବଂ ଯାହାକୁ ଅଲ୍ଲାଃ ରୋକିଦେବେ ତାକୁ କିଏ ମଧ୍ୟ ଦେଇପାରିବେ ନାହିଁ ।**

ହଜ୍‌ରତ୍ ମୁଗିରାଃ ର:ଅ ବିନ୍ ଶୋବାଃଙ୍କ କାତିବ୍ (ଲେଖକ) ୱରାଦ୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ମୁଗିରାଃ ବିନ୍ ଶୋବାଃ ର:ଅ ମୋ ଜରିଆରେ ଏକ ଚିଠି ହଜ୍‌ରତ୍ ମାଓ୍ୱିୟାଙ୍କ ନିକଟକୁ ଲେଖାଇଲେ । ସେଥିରେ ଏକଥା ବର୍ଣ୍ଣନା କରାଯାଇଥିଲା ଯେ ନବୀ କରିମ୍ ସ:ଆ:ସ ଫର୍ଜ ନମାଜ ପରେ କଣ ଦୁଆ କରୁଥିଲେ:

لَا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ لَهُ الْمُلْكُ وَلَهُ الْحَمْدُ وَهُوَ عَلٰى كُلِّ شَيْءٍ قَدِيْرٌ اَللّٰهُمَّ لَا مَانِعَ لِمَا اَعْطَيْتَ وَلَا مُعْطِيَ لِمَا مَنَعْتَ وَلَا يَنْفَعُ ذَا الْجَدِّ مِنْكَ الْجَدُّ

ଅର୍ଥାତ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନାହିଁ । ସେ ଏକ ଓ ଅଦ୍ୱିତୀୟ । ତାହାଙ୍କର କେହି ସମକକ୍ଷ ନୁହନ୍ତି ଏବଂ ତାହାଙ୍କର ହିଁ ରାଜତ୍ୱ । ସମସ୍ତ ପ୍ରଶଂସା ତାହାଙ୍କ ପାଇଁ ଉଦ୍ଦିଷ୍ଟ । ସେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ସକ୍ଷମ । ହେ ଅଲ୍ଲାଃ ! ତୁମେ ଯାହା ପ୍ରଦାନ କରିବ ତାହାକୁ କିଏ ଅଟକାଇ ପାରିବନାହିଁ ଏବଂ ଯାହାକୁ ତୁମେ ରୋକିଦେବ ତାକୁ କିଏ ଦେଇପାରିବେ ନାହିଁ । ତୁମ ମୁକାବିଲାରେ କୌଣସି ପ୍ରତିଷ୍ଠିତ ବ୍ୟକ୍ତିର ପ୍ରତିଷ୍ଠା ମଧ୍ୟ ଲାଭ ଦେଇପାରିବ ନାହିଁ ।

***(ସହି ବୁଖାରୀ, କିତାବୁଲ୍ ଅଜାନ୍, ଖଣ୍ଡ-୨.......୨୦୦୬)***

ପରିଶ୍ରମକୁ ଅଧିକରୁ ଅଧିକ ସଫଳ କରିବାପାଇଁ ଚେଷ୍ଟା ନ କରିବ । କାରଣ ଯେଉଁ ବ୍ୟକ୍ତିକୁ ପ୍ରତିକ୍ଷଣ ଏ କଥା ମନେ ପକାଇ ଦିଆଯିବ ଯେ ପ୍ରତ୍ୟେକ ଉଦ୍ଦେଶ୍ୟ ହାସଲ କରିବାପାଇଁ ଭଲ ମାର୍ଗ ମଧ୍ୟ ରହିଛି ଓ ଖରାପ ମାର୍ଗ ମଧ୍ୟ ରହିଛି କିନ୍ତୁ ତାକୁ ସର୍ବଦା ଭଲମାର୍ଗ/ଉପାୟ ଅବଲମ୍ବନ କରିବାପାଇଁ ଚେଷ୍ଟା କରିବା ଉଚିତ । ପୁଣି ସେହି ଭଲ ମାର୍ଗମାନଙ୍କ ମଧ୍ୟରୁ ଏପରି ମାର୍ଗକୁ ଗ୍ରହଣ କରିବା ଉଚିତ ଯାହା ସବୁଠାରୁ ନିକଟତର । ତା'ର ବୁଦ୍ଧି କିପରି ଏହି ଶିକ୍ଷାକୁ ନିଜ ଭିତରେ ଶୋଷଣ କରିନେବ । ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ନିକଟରେ ଦୁଆ କରିବ ଯେ ତାକୁ ସିରାତେ ମୁସ୍ତକିମ୍ ଅର୍ଥାତ ସିଧା ଓ ସରଳ ମାର୍ଗ ଦେଖାଇ ଦିଆଯାଉ ତା'ର ମସ୍ତିଷ୍କ ନିଜେ ମଧ୍ୟ ଏହି ଭାବନାରେ ପ୍ରଭାବିତ ହେବ ଓ ତା'ର ଚେଷ୍ଟା ମଧ୍ୟ ଏପରି ମାର୍ଗକୁ ଖୋଜିବାର ବ୍ୟୟ ହେବ । ଯେଉଁ ବ୍ୟକ୍ତି ନିଜ କାର୍ଯ୍ୟକୁ ସମ୍ପାଦନ କରିବାରେ ଏହି ନିୟମକୁ ଆଖି ଆଗରେ ରଖିବ ଅର୍ଥାତ (୧) ମୋର ସମସ୍ତ କାର୍ଯ୍ୟ ଉଚିତ /ବୈଧ ଉପାୟରେ ହେଉ (୨) ମୁଁ କୌଣସି ଏକ ସ୍ଥାନରେ ପହଂଚି ଅଟକି ରହି ନ ଯାଏ ବରଂ ଅସିମୀତ ଉନ୍ନତିର ଅଭିଳାଷା ମୋ ମନ ଭତରେ ରହୁ (୩) ଏବଂ ମୋର ସମୟ ନଷ୍ଟ ନ ହେଉ ବରଂ ଏପରି ଉପାୟ ଅବଲମ୍ବନ କରି କାର୍ଯ୍ୟ କରେ ଯେ ଅଳ୍ପ ସମୟ ଭିତରେ ପ୍ରତ୍ୟେକ କାର୍ଯ୍ୟକୁ ପୂରଣ କରିନେବି । ଏମିତି ବ୍ୟକ୍ତିର ଉଚ୍ଚାଭିଳାଷ, ତା' କର୍ମର ସଂଶୋଧନ ଏବଂ ତା'ର ନିୟମିତ ପରିଶ୍ରମରେ କଣ ସନ୍ଦେହ କରାଯାଇପାରେ ।

ମୁଁ ଭାବୁଛି ଯେ ଯଦି ମୁସଲମାନମାନେ ଏହି ଦୁଆକୁ ନିଷ୍ଠାର ସହିତ ମାଗିଚାଲିବ ଓ ତାହାର ଅର୍ଥକୁ ସ୍ମରଣ କରିନେବେ ତେବେ ଦୁଆ କରିବାରେ ଯେଉଁ ଲାଭ ମିଳିବା କଥା ତାହା ତ ମିଳିବ କିନ୍ତୁ ସ୍ୱାଭାବିକ ରୂପେ ତା'ର ଯେଉଁ ପ୍ରଭାବ ମୁସଲମାନମାନଙ୍କ ମନ ଓ ବୁଦ୍ଧି ଉପରେ ପଡ଼ିବ ତାହା ମଧ୍ୟ କିଛି କମ ନୁହେଁ ।

***(ତଫ୍‌ସୀର କବୀର, ଖଣ୍ଡ-୧, ପୃ-୩୩......୨୦୧୦)***

⌘⌘⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଜେଲ୍ ଦଣ୍ଡ ମିଳିଛି । ମୁଁ ଏକଥା କହିବାକୁ ଚାହୁଁଛି ଯେ, ଯାହା କିଛି ଭାଗ୍ୟରେ ଲେଖାଥିବ ତାହା ତ ତାଙ୍କୁ ମିଳିବ । ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ କେବଳ ଏତିକି ପ୍ରାର୍ଥନା କରିବାକୁ ନିବେଦନ କରୁଛି ଯେ, ଖୁଦାତାଲା ମୋ ପିଲାମାନଙ୍କୁ ଯମାତ୍‌ର ଓ ଖିଲାଫତ୍‌ର ବିଶ୍ୱସ୍ଥ ବନାନ୍ତୁ ଏବଂ ସର୍ବଦା ଏମାନେ ଖିଲାଫତ ସହିତ ଯୋଡ଼ି ହୋଇ ରୁହନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆପଣ ଚିନ୍ତା କରନ୍ତୁ ନାହିଁ ମୁଁ ଏକଥା ଜାଣିଛି ଯେ, ଆପଣଙ୍କ ପିଲାମାନେ ବହୁତ ବିଶ୍ୱସ୍ଥ ଓ ନିଷ୍ଠାବନା ଏକଥା ଶୁଣି ସେହି ବୃଦ୍ଧାଜଣକ ବହୁତ ଖୁସି ହେଲେ ଓ ସନ୍ତୋଷତା ପ୍ରକାଶ କଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତର ଭିତରକୁ ଚାଲିଆସିଲେ, ଯେଉଁଠି ଅନ୍ୟାନ୍ୟ ପରିବାରଗୁଡ଼ିକ ଓ ବହୁତ ଲୋକେ ବ୍ୟକ୍ତିଗତ ରୂପେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଆଜି ସକାଳର ଏହି ସେସନ୍‌ରେ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିଥିବା ଲୋକମାନଙ୍କର ସଂଖ୍ୟା ୧୦୩ ଥିଲା । ପ୍ରତ୍ୟେକ ବ୍ୟକ୍ତି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ଦେଲେ ଏବଂ ଛୋଟ ଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ଦିନ ଦୁଇଟା ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ମୁବାରକଠାରେ ପଦାର୍ପଣ କରି ଜୋହର୍ ଏବଂ ଅସର୍ ନମାଜ ପାଠ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**କେତେକ ସଭା ସମ୍ବନ୍ଧରେ ଚର୍ଚ୍ଚା**

ଆଜି ହଜୁର ଅନଓ୍ୱର ଅ:ବ:ଅଙ୍କ ସମ୍ମାନରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସଭାର ଆୟୋଜନ ୟୁନାଇଟେଡ୍ ନେସନ୍‌ର ଗୋଟିଏ ମୁଖ୍ୟ କାର୍ଯ୍ୟାଳୟ ୟୁନେସ୍କୋ ହେଡ୍ ଅଫିସ୍‌ର ଇମାରତ୍‌ର ଗୋଟିଏ ହଲ୍ ଭିତରେ ଆୟୋଜନ କରାଯାଇଥିଲା । ମାଲି ଦେଶର ଆମ୍ବାସେଡ଼ରଙ୍କ ମଧ୍ୟମତାରେ ୟୁନେସ୍କୋ ତରଫରୁ ଏହି ସଭାର ବ୍ୟବସ୍ଥା କରାଯାଇଥିଲା ।

ଏହା ପୂର୍ବରୁ ଦେଶିୟ ସ୍ତରରେ ବ୍ରିଟିଶ୍ ପାର୍ଲାମେଂଟ, କ୍ୟାପିଟାଲ୍ ହିଲ୍, ନ୍ୟୁଜିଲାଣ୍ଡ ପାର୍ଲାମେଂଟ ଏବଂ ଡ଼ଚ୍ ପାର୍ଲାମେଂଟରେ ବିଶେଷ ସଭା ଆୟୋଜନ ହୋଇସାରିଛି ଓ ସେଥିରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଅଭିଭାଷଣ ପ୍ରଦାନ କରିସାରିଛନ୍ତି ।

ପୁଣି ୟୁରୋପିୟ ରାଷ୍ଟ୍ରଗୁଡ଼ିକର "ୟୁରୋପିଅନ୍ ପାର୍ଲାମେଂଟ"ଠାରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସମ୍ମାନରେ ସଭା ଆୟୋଜନ ହୋଇଛି, ସେଥିରେ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ ନିଜର ଅଭିଭାଷଣ ପ୍ରଦାନ କରିଛନ୍ତି ।

ଆଜିର ଦିନଟି ମଧ୍ୟ ଏ ଦୃଷ୍ଟିକୋଣରୁ ଏକ ଐତିହାସିକ ଦିନ ଥିଲା, ଏହା କୌଣସି ଦେଶିୟ ପାର୍ଲାମେଂଟ ବା ଦେଶିୟ କାର୍ଯ୍ୟାଳୟରେ ନୁହେଁ ବରଂ ଆର୍ନ୍ତଜାତିୟ ସ୍ତରର ଗୋଟିଏ ଆର୍ନ୍ତଜାତିକ କାର୍ଯ୍ୟାଳୟ ୟୁନେସ୍କୋଠାରେ ଅନୁଷ୍ଠିତ ହେଉଥିଲା । ଯେଉଁଠି ପୃଥିବୀର ସବୁ ଦେଶର ପ୍ରତିନିଧିତ୍ୱ ହୋଇଥାଏ । ହଜୁର ଅନଓ୍ୱର ଅ:ବ:ଅଙ୍କ ସମ୍ମାନରେ ଏହିଭଳି ଏକ ସଭା ଆୟୋଜନ ହେବା ଅତ୍ୟନ୍ତ ଐତିହାସିକ ମୂହୁର୍ତ୍ତ ଥିଲା ।

ପୃଥିବୀର କୌଣସି ଆର୍ନ୍ତାଜାତିକ କାର୍ଯ୍ୟାଳୟ ଭିତରେ ଏହା ପ୍ରଥମ ସଭା ଥିଲା ଯେଉଁଠି ଖଲିଫତୁଲ୍ ମସିହି ଭାଷଣ ପ୍ରଦାନ କରୁଥିଲେ । ଇନ୍‌ଶାଅଲ୍ଲାଃ ଏବେ ଏଠାରୁ ମଧ୍ୟ ଯମାତ୍ ପାଇଁ ମହାନ୍ ସଫଳତା ଓ ବିଜୟର ଦ୍ୱାର ଉନ୍ମୁକ୍ତ ହେବ ।

ପ୍ରୋଗ୍ରାମ ମୁତାବକ ୩:୩୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମିଶନ ହାଉସ୍ ଦାରୁସ୍ ସଲାମ୍‌ଠାରୁ ଏହି ସଭାରେ ଯୋଗ ଦେବାପାଇଁ ବାହାରିଲେ ।

ୟୁନେସ୍କୋର ଅଟ୍ଟାଳିକାଟି ପ୍ୟାରିସ୍ ସହରର କେନ୍ଦ୍ରରେ ହିଁ ରହିଛି, ଏହି ଅଟ୍ଟାଳିକାର ନିକଟରେ ଥିବା Pullman Hotel ଠାରେ କିଛି ସମୟ ରହିବାର ବ୍ୟବସ୍ଥା କରାଯାଇଥିଲା । ଯେଉଁଠି କେତେକ ଅତିଥି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ପ୍ରୋଗ୍ରାମ ରଖାଯାଇଥିଲା । ଠିକ୍ ୪:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ Pullman Hotel ଠାରେ ପହଂଚିଲେ ।

## Vice President of French Muslim Council (Union)ଙ୍କ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର

ଠିକ୍ ସାଢ଼େ ୪ଟା ବେଳେ Vice President of French Muslim Council (Union) Mr. Anouav Kbibech ସହେବ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଇଲେ । ସେ ମହାଶୟ ପ୍ରଥମେ ମୁସ୍‌ଲିମ୍ ୟୁନିୟନ୍‌ର ସଭାପତି ମଧ୍ୟ ରହିସାରିଛନ୍ତି । ବର୍ତମାନ ଉପସଭାପତି ଅଛନ୍ତି ।

ସେ ମହାଶୟ କହିଲେ ଯେ ଆମେ ଫ୍ରାନ୍ସର ମୁସଲମାନମାନଙ୍କ ତରଫରୁ ଖଲିଫତୁଲ୍ ମସିହ୍‌ଙ୍କୁ ସ୍ୱାଗତ କରୁଛୁ । ପୁଣି ସେ କହିଲେ ଯେ ଦୁଇ ବର୍ଷ ପୂର୍ବେ ସେ ମୁସ୍‌ଲିମ୍ ୟୁନିୟନ୍‌ର ସଭାପତି ଥିଲେ । ଏବେ ଉପସଭାପତି ଅଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ ମହାଶୟ କହିଲେ ଯେ ଫ୍ରାନ୍ସରେ ବସବାସ କରୁଥିବା ୬୬ ମିଲିୟନ ଲୋକମାନଙ୍କ ମଧ୍ୟରୁ ୦୫ ମିଲିୟନ ଜନସଂଖ୍ୟା ମୁସଲମାନମାନଙ୍କର । ବର୍ତମାନ ଫ୍ରାନ୍ସରେ ମୁସଲମାନମାନଙ୍କର ୨୫୦୦ ମସ୍‌ଜିଦ୍ ଅଛି ଏବଂ ଏହି ମସ୍‌ଜିଦ୍ ଗୁଡ଼ିକ ଫ୍ରାନ୍ସର ମୁସ୍‌ଲିମ୍ କାଉନ୍‌ସିଲ୍ ଅନ୍ତର୍ଗତ ପଞ୍ଜିକରଣ ହୋଇଛନ୍ତି ।

ପୁଣି ସେ ମହାଶୟ କହିଲେ ଯେ ଆମକୁ ଇମାମ୍‌ମାନଙ୍କର ଆବଶ୍ୟକତା ଅଛି । ଆମେ ଇମାମ୍‌ମାନଙ୍କୁ ଟ୍ରେଣ୍ଡ କରିବାକୁ ଚାହୁଁଅଛୁ, ଶିଖାଇବାକୁ ଚାହୁଁଅଛୁ । ଏହା ଆମପାଇଁ ଏକ ସମସ୍ୟା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ବୋଧ ହୁଏ ଏଠି ପ୍ୟାରିସ୍‌ରେ ୧୯୨୬ ମସିହାରେ ଗୋଟିଏ ମସ୍‌ଜିଦ୍ ନିର୍ମାଣ ହୋଇଥିଲା । ବଡ଼ ମସ୍‌ଜିଦ୍ ଥିଲା ଓ ଏଠିକାର ପ୍ରଥମ ମସ୍‌ଜିଦ୍ ଥିଲା । ପୁଣି ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରିଲେ ଯେ ଆପଣ ନିଜ ଇମାମ୍‌ମାନଙ୍କୁ କିପରି ଟ୍ରେଣ୍ଡ (ପ୍ରଶିକ୍ଷଣ) କରୁଛନ୍ତି ?

ଏଥିରେ ସେ ମହାଶୟ କହିଲେ ଆମର ଆଠଟି ଇନ୍‌ସିଚ୍ୟୁଟ୍ ଅଛି । ସେଗୁଡ଼ିକ ଇମାମମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ପ୍ରତିବର୍ଷ ଆମକୁ ଦେଢ଼ଶହ (୧୫୦) ଇମାମ୍ ପ୍ରସ୍ତୁତ କରିବାକୁ ପଡ଼େ କିନ୍ତୁ ଆମକୁ ପ୍ରତ୍ୟେକ ବର୍ଷ ପନ୍ଦର ଶହ ଇମାମ୍‌ଙ୍କର ଜରୁରତ୍ ରହିଛି । ଦୁଇ ତିନିଶହ ମସ୍‌ଜିଦ୍ ନିର୍ମାଣ ହେବାର ପ୍ରୋସେସ୍ ଚାଲିଛି ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଏବେ ପବିତ୍ର କୁର୍‌ଆନ୍ ଯେତେ ମାତ୍ରାରେ ମହ୍‌ଜୁଦ୍ ଅଛି ତାହା **ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ**ଙ୍କ କିରାତ୍ (ପଢ଼ିବା ଶୈଳୀ) ମୁତାବକ ।

ମୋ ଭାଇ ! ମୁସଲମାନମାନଙ୍କୁ ମୋର ସଲାମ୍ ପହଂଚାଇ ଦେବ ଏବଂ ମୋ କୌମ୍ ଓ ମୋ ଜ୍ଞାତିକୁଟୁମ୍ବକୁ କହିବ ଯେ ରସୁଲେ କରିମ୍ ସ:ଆ:ସ ଆମ ଗହଣରେ ଖୁଦାତାଲାଙ୍କର ସର୍ବୋକୃଷ୍ଟ ଅମାନତ ଅଟନ୍ତି । ଆମେ ଆମ ଜୀବନକୁ ବାଜି ଲଗାଇ ଏହି ଅମାନତ୍ ର ସୁରକ୍ଷା କରିଆସୁଥିଲୁ । ଏବେ ଆମେ ବିଦାୟ ନେଉଛୁ ତେଣୁ ଏବେ ଏହି ଅମାନତର ସୁରକ୍ଷା ଦାୟିତ୍ୱ ତୁମ ଉପରେ ଛାଡ଼ିଯାଉଅଛୁ । ଏମିତି ନ ହେଉ କି ତୁମେମାନେ ଏହାକୁ ସୁରକ୍ଷା ଦେବାରେ ଦୃବଳତା ଦେଖାଅ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ବଦ୍‌ରି ସାହାବା, ବଦର ଯୁଦ୍ଧରେ ଶହୀଦ ହେବାର ଗୌରବ ପ୍ରାପ୍ତ କରିଥିବା ହଜ୍‌ରତ୍ ମୁଅଓ୍ୱିଜ୍ ବିନ୍ ହାରିସ୍ ଏବଂ କାତିବେ ଓ୍ୱହି (ଐଶିବାଣୀ ଲିପିବଦ୍ଧକାରୀ), ମୁସଲମାନମାନଙ୍କ ସର୍‌ଦାର୍ ଏବଂ ଏ ଉମ୍ମତ୍‌ର ସବୁଠାରୁ ବଡ଼ କାରୀ ହଜରତ୍ ଉବୈ ବିନ୍ କାଆବ୍ ର:ଅଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍**[ଅ.ବ]
**(ପ୍ରଦତ୍ତ: ୧୬ ଅକ୍ଟୋବର ୨୦୨୦ ଅନୁଯାୟୀ ୧୬ ଇଖା ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଆଜି ମୁଁ ଯେଉଁ ସାହାବିଙ୍କର ଚର୍ଚ୍ଚା କରିବି, ସେମାନଙ୍କ ମଧ୍ୟରେ ସର୍ବପ୍ରଥମେ ହେଲେ ହଜ୍‌ରତ୍ ମୁଅଓ୍ୱିଜ୍ ବିନ୍ ହାରିସ୍ ର:ଅ । ହଜ୍‌ରତ୍ ମୁଅଓ୍ୱିଜ୍ ବିନ୍ ହାରିସ୍ ର:ଅଙ୍କ ସମ୍ପର୍କ ଅନ୍‌ସାର ଖଜ୍‌ରଜ୍ ଗୋଷ୍ଠୀ ସହିତ ଥିଲା । ତାଙ୍କ ପିତାଙ୍କ ନାମ ହାରିସ୍ ବିନ୍ ରିଫାଅ ଥିଲା ଏବଂ ମାତାଙ୍କ ନାମ ଅଫ୍‌ରା ବିନ୍‌ତେ ଉବୈଦ୍ ଥିଲା । ହଜ୍‌ରତ୍ ମୁଅଓ୍ୱିଜ୍ ବିନ୍ ହାରିସ୍ ର:ଅଙ୍କ ଦୁଇଜଣ ଭ୍ରାତା ହଜ୍‌ରତ୍ ମାଆଜ୍ ଓ ହଜ୍‌ରତ୍ ଅଓଫ୍ ନାମି ଥିଲେ । ଏହି ତିନିଭାଇ ନିଜ ପିତାଙ୍କ ସହିତ ନିଜ ମାତାଙ୍କ ନାମ ଅନୁସାରେ ମଧ୍ୟ ସମ୍ବୋଧିତ ହେଉଥିଲେ । ସେଥିଯୋଗୁଁ ଏହି ତିନିଭାଇଙ୍କୁ ବନୁ ଅଫ୍‌ରା ମଧ୍ୟ କୁହାଯାଏ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୫, ପୃ-୨୩୧......... ଲେବ୍‌ନାନ୍ ୨୦୦୩)***

କେବଳ ଇବ୍‌ନେ ଇସ୍‌ହାକ୍ ଏହା ବର୍ଣ୍ଣନା କରିଛନ୍ତି ଯେ, ହଜ୍‌ରତ୍ ମୁଅଓ୍ୱିଜ୍ ବିନ୍ ହାରିସ୍ ର:ଅ ୭୦ ଜଣ ଅନ୍‌ସାରଙ୍କ ସହିତ ବୟତେ ଅକ୍‌ବା ସାନିଆରେ ସାମିଲ ଥିଲେ । ତାଙ୍କ ବିବାହ ଉମ୍ମେ ୟଜିଦ୍ ବିନ୍‌ତେ କୈସ୍‌ଙ୍କ ସହିତ ହୋଇଥିଲା ଯାହାଙ୍କ ଔରଷରୁ ଦୁଇଟି କନ୍ୟା ସନ୍ତାନ ହଜ୍‌ରତ୍ ରବି ବିନ୍‌ତେ ମୁଅଓ୍ୱିଜ୍ ଓ ହଜ୍‌ରତ୍ ଉମେରା ବିନ୍‌ତେ ମୁଅଓ୍ୱିଜ୍ ପ୍ରାପ୍ତ ହୋଇଥିଲା ।

***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୩୭୪....... ଲେବ୍‌ନାନ ୧୯୯୦)***

ହଜ୍‌ରତ୍ ମୁଅଓ୍ୱିଜ୍ ବିନ୍ ହାରିସ୍ ର:ଅ ନିଜ ଦୁଇ ଭାଇଙ୍କ ସାଥିରେ ବଦର ଯୁଦ୍ଧରେ ସାମିଲ ଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୫, ପୃ-୨୩୧......... ଲେବ୍‌ନାନ୍ ୨୦୦୩)***

ସେମାନଙ୍କ ସ୍ୱାଧିନ ପ୍ରାପ୍ତ ଦାସ ହମ୍‌ରାଙ୍କ ନିକଟରେ ଗୋଟିଏ ଓଟ ଥିଲା ଯେଉଁଥିରେ ସେମାନେ ବଦର ଅଭିମୁଖେ ଗଲାବେଳେ ଜଣକ ପରେ ଜଣେ ପାଳି କରି ବସୁଥିଲେ ।

***(କିତାବୁଲ୍ ମଗାଜି...... ଖଣ୍ଡ-୧, ପୃ-୩୮....୨୦୧୩)***

ହଜ୍‌ରତ୍ ମାଆଜ୍‌ଙ୍କ ଜୀବନୀ ଚର୍ଚ୍ଚାରେ ଏକଥା ଆଲୋଚନା ହୋଇସାରିଛି କିନ୍ତୁ ଏଠାରେ ହଜ୍‌ରତ୍ ମୁଅଓ୍ୱିଜ୍ ବିନ୍ ହାରିସ୍ ର:ଅଙ୍କ ଆଲୋଚନା ଚକ୍ରରେ ପୁନଃ ଏକଥା ଆଲୋଚନା କରିଦେଉଛି କି, ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ବଦର ଯୁଦ୍ଧ ଦିନ କହିଲେ, ଅବୁ ଜହଲ୍ ସଂକ୍ରାନ୍ତରେ କିଏ ମତେ ଖବର ଆଣି ଦେବ ଏଥିରେ ହଜ୍‌ରତ୍ ଇବ୍‌ନେ ମସ୍‌ଉଦ୍ ଗଲେ ଏବଂ ଦେଖିଲେ ଯେ ତାହାକୁ ଅଫ୍‌ରାଃର ଦୁଇ ପୁତ୍ର ତରବାରୀ ଦ୍ୱାରା ଏଭଳି ପ୍ରହାର କରିଛନ୍ତି କି ସେ ମୃତ୍ୟୁର ନିକଟର୍ବତୀ ହୋଇଯାଇଛି । ହଜ୍‌ରତ୍ ଇବ୍‌ନେ ମସ୍‌ଉଦ୍ ତାକୁ ପଚାରିଲେ, କଣ ତୁମେ ଅବୁଜହଲ୍ କି ? ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି, ଇବ୍‌ନେ ମସ୍‌ଉଦ୍ ତାହାର ଦାଢ଼ି ଧରିଲେ ଏଥିରେ ସେ କହିଲା କଣ ତୁମେ ଏହା ପୂର୍ବରୁ ମୋ ପରି ବଡ଼ ଲୋକଙ୍କୁ କେବେ ହତ୍ୟା କରିଛ ଅବା ଏହା କହିଲା କି କଣ ତୁମ ଗୋଷ୍ଠୀ ମୋ ପରି ଜଣେ ମହାନ୍ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତିକୁ ହତ୍ୟା କରିଛି କି ?

***(ସହି ବୁଖାରୀ..... ହଦିସ୍ ନଂ-୩୯୬୨)***

ଏହାର ବ୍ୟାଖ୍ୟାରେ ହଜ୍‌ରତ୍ ସୟଦ୍ ଜୈନୁଲ୍ ଆବେଦିନ୍ ଓ୍ୱଲିଉଲ୍ଲା ଶାହା ସାହେବ ବୁଖାରୀର ବର୍ଣ୍ଣନାରେ ଲେଖିଛନ୍ତି କି କେତେକ ରିଓ୍ୱାୟତ୍‌ରେ ଏହା ଦର୍ଶାଯାଇଛି ଯେ, ଅଫ୍‌ରାଃର ଦୁଇପୁତ୍ର ମୁଅଓ୍ୱିଜ୍ ଏବଂ ମାଆଜ୍ ଅବୁଜହଲ୍‌କୁ ମାରି ମୃତ୍ୟୁର ନିକଟବର୍ତୀ କରିଥିବେ । ଅର୍ଥାତ ଦରମରା କରିଦେଇଥିଲେ । ପରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ତାହାର ସ୍କନ୍ଦଚ୍ୟୁତ କରିଥିଲେ । ଇମାମ୍ ଇବ୍‌ନେ ହଜର୍ ଏହି ମତପ୍ରକାଶ କରିଛନ୍ତି କି ହଜ୍‌ରତ୍ ମାଆଜ୍ ବିନ୍ ଉମ୍‌ରୋ ଓ ମାଆଜ୍ ବିନ୍ ଅଫ୍‌ରାଃଙ୍କ ପରେ ହଜ୍‌ରତ୍ ମୁଅଓ୍ୱିଜ୍ ବିନ୍ ଅଫ୍‌ରାଃ ମଧ୍ୟ ତାହା ଉପରେ ପ୍ରହାର କରିଥିବେ ।

***(ସହି ବୁଖାରୀ.... ହଦିସ୍-୩୧୪୧, ଖଣ୍ଡ-୫, ପୃ-୪୯୧ ହାଶିୟା......ରବୁଓ୍ୱା)***

ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅ ଅବୁଜହଲ୍‌ର ହତ୍ୟା ପରିପ୍ରେକ୍ଷୀରେ ବର୍ଣ୍ଣନା କରିଛନ୍ତି କି ମଣିଷ ବେଶ୍ ଆନନ୍ଦ ଉଲ୍ଲାସ ହୋଇଥାଏ ଏବଂ ଗୋଟିଏ ଜିନିଷକୁ ନିଜ ପାଇଁ ଉପକାରୀ ମଣିଥାଏ କିନ୍ତୁ ତାହା ହିଁ ତାହାର ଅମଙ୍ଗଳ ଓ ଅନିଷ୍ଟର କାରଣ ସାବ୍ୟସ୍ତ ହୋଇଥାଏ । ବଦର ଯୁଦ୍ଧରେ ମକ୍କାର ଅମାନ୍ୟକାରୀମାନେ କଳନା କରିଥିଲେ ଯେ, ଆମେ ମୁସଲମାନମାନଙ୍କୁ ତଳିତଳାନ୍ତ କରିଦେବୁ ଏବଂ ଅବୁଜହଲ୍ ଘୋଷଣା କରିଥିଲା କି ଆମେ ଇଦ୍ ପାଳନ କରିବୁ ଏବଂ ମଦ୍ୟ ଓ ନାଚଗୀତର ଆୟୋଜନ କର କାରଣ ଏହି ଅନଭିଜ୍ଞ ମୁଠାଏ ମୁସଲମାନମାନଙ୍କୁ ଆମେ କ୍ଷଣକେ ନିପାତ କରିଦେବୁ । କିନ୍ତୁ ତାହାକୁ ମଦିନାର ଦୁଇଜଣ ବାଳକ ହିଁ ହତ୍ୟା କରିଦେଲେ ଅର୍ଥାତ ଅବୁଜହଲ୍‌କୁ । ମକ୍କାର ଅମାନ୍ୟକାରୀ ଗଣ ମଦିନାବାସୀଙ୍କୁ ତୁଚ୍ଛ ଓ ହୀନ ମଣୁଥିଲେ । କିନ୍ତୁ ଶେଷରେ କଣ ହେଲା ଅବୁଜହଲ୍‌ର ଶେଷ ଇଚ୍ଛା ମଧ୍ୟ ପୁରଣ କରାଗଲା ନାହିଁ । ଆରବର ଏହି ପ୍ରଥା ପ୍ରଚଳିତ ଥିଲା କି ଗୋଷ୍ଠୀର ପ୍ରମୁଖ ଅର୍ଥାତ ପ୍ରଧାନକୁ ଯେତେବେଳେ ହତ୍ୟା କରାଯାଏ ତାହାର ଶୀରକୁ ଲମ୍ୱା ରଖି କଟାଯାଏ ଯଦ୍ୱାରା ତାହାର ଚିହ୍ନଟ ହୋଇପାରିବ କି ସେ ଗୋଷ୍ଠୀର ସର୍ଦ୍ଦାର । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ଯେତେବେଳେ ଅବୁଜହଲ୍‌କୁ ଦେଖିଲେ ସେତେବେଳେ ସେ ଅଚଳ ଓ କ୍ଷତାକ୍ତ ହୋଇ ଭୁପୃଷ୍ଠରେ ପଡ଼ିରହିଥିଲା । ସେ ତାକୁ ପଚାରିଲେ, ତୁମ ଅବସ୍ଥା କିପରି ରହିଛି ? ଉତରରେ ଅବୁଜହଲ୍ କହିଲା ମତେ ଆଉ ତ କିଛି ଦୁଃଖ ନାହିଁ କିନ୍ତୁ ଏତିକି ଦୁଃଖ ଲାଗୁଛି ଯେ ମତେ ମଦିନାର ଦୁଇଜଣ ପନିପରିବା ଚାଷ କରୁଥିବା ବାଳକ ହତ୍ୟା କରିଦେଲେ । ମକ୍କାବାସୀଙ୍କ ଦୃଷ୍ଟିରେ ପନିପରିବା ଚାଷ କରିବା ସବୁଠାରୁ ନିମ୍ନସ୍ତରର କାର୍ଯ୍ୟ ଥିଲା ଓ ସେମାନେ ଏହା ଭାବୁଥିଲେ ଯେ ମଦିନାର ଲୋକମାନଙ୍କୁ ଯୁଦ୍ଧ ଲଢ଼ିବା ପ୍ରସଙ୍ଗରେ କୌଣସି ଅଭିଜ୍ଞତା ନଥିବ । କିନ୍ତୁ ତାକୁ ହତ୍ୟା ମଧ୍ୟ ସେହି ଶ୍ରେଣୀର ଅବା ସେହି ବାଳକମାନେ କରିଥିଲେ ଯାହାଙ୍କୁ କୌଣସି ଅଭିଜ୍ଞତା ହିଁ ନଥିଲା ଯୁଦ୍ଧ ଶୈଳୀର । ଏପରି ତାହାର ଗର୍ବ ଓ ଅହଙ୍କାରକୁ ଭାଙ୍ଗି ଦିଆଗଲା । ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ତାକୁ ପଚାରିଲେ ତୁମର କିଛି ଶେଷ ମନବାଞ୍ଛା ରହିଛି କି ? ସେ ଉତର ଦେଲା ମୋ ବେକକୁ ଟିକିଏ ଲମ୍ୱା କରି କାଟିଦିଅ ପ୍ରତିଉତରରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ କହିଲେ ତୁମର ଏହି ଅଭିଳାଷା ମଧ୍ୟ ମୁଁ ପୂରଣ କରିବିନାହିଁ ଏବଂ ସେ ତାହାର ଗଳାକୁ ମୁଳେଇ କାଟିଦେଲେ । ଏପରି ଯିଏ ଇଦ୍ ପାଳନ କରିବାର ସ୍ୱପ୍ନ ଦେଖୁଥିଲା ତାହା ତାହାର ଶୋକ ପାଲଟି ଗଲା ଏବଂ ସେହି ମଦ୍ୟ ଯାହା ସେ

ପାନ କରିଥିଲା ତାହା ଜୀର୍ଣ୍ଣ ମଧ୍ୟ ହୋଇନଥିଲା କି ତାହାର ନିଧନ ହୋଇଗଲା ।

***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୧, ପୃ-୧୧)***

ବଦର ଯୁଦ୍ଧରେ ହଜ୍‌ରତ୍ ମୁଅଓ୍ୱିଜ୍ ବିନ୍ ହାରିସ୍ ର:ଅ ଲଢ଼ି ଲଢ଼ି ଏକ ବୀର ଯୋଦ୍ଧାପରି ଶହୀଦ ହେଲେ । ତାଙ୍କୁ ଅବୁ ମସାଫେ ଶହୀଦ କରିଥିଲା ।

***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୪, ପୃ-୧୪୪୨.......... ବେରୁତ ୧୯୯୨)***

ପରବର୍ତୀ ସାହାବି ଯାହାଙ୍କ ଚର୍ଚ୍ଚା ହେବ ସେ ହେଲେ, ହଜ୍‌ରତ୍ ଉବୈ ବିନ୍ କାଆବ୍ ତାଙ୍କର ସମ୍ବନ୍ଧ ଅନ୍‌ସାର ଗୋଷ୍ଠୀର ଖଜ୍‌ରଜ୍ ଶାଖା ବନୁ ମାଓ୍ୱିୟା ସହିତ ଥିଲା । ତାଙ୍କ ପିତାଙ୍କ ନାମ କାଆବ୍ ବିନ୍ କୈସ୍ ଓ ମାତାଙ୍କ ନାମ ସୁହେଲା ବିନ୍‌ତେ ଅସ୍ୱଦ୍ ଥିଲା । ତାଙ୍କର ଦୁଇଟି ଉପନାମ ଥିଲା, ଗୋଟିଏ ଅବୁ ମୁନ୍‌ଜିର୍ ଯାହା ହଜୁର ସ:ଆ:ସ ରଖିଥିଲେ ଏବଂ ଦ୍ୱିତୀୟ ନାମ ଅବୁ ତୁଫୈଲ୍ ଯାହା ହଜ୍‌ରତ୍ ଉମର୍ ର:ଅ ତାଙ୍କ ପୁତ୍ର ତୁଫୈଲ୍ ଯୋଗୁଁ ଏଭଳି ନାମକରଣ କରିଥିଲେ ।

***(ଉସଦୁଲ୍ ଗାବାଃ...... ଖଣ୍ଡ-୧, ପୃ-୧୬୮-୧୬୯....... ବେରୁତ ୨୦୧୬)***

ସେ ମଧ୍ୟମ ଉଚତା ବିଶିଷ୍ଟ ବ୍ୟକ୍ତି ଥିଲେ ଏବଂ ମୁଣ୍ଡ ଓ ଦାଢ଼ିର ରଙ୍ଗ ଧବଳ ଥିଲା ଏବଂ ଚୁଟିରେ ରଙ୍ଗ ଲେପନ କରି ସେ ନିଜ ବାର୍ଦ୍ଧକ୍ୟକୁ ପରିବର୍ତନ କରିବାକୁ ଚାହୁଁନଥିଲେ ।

***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୧, ପୃ-୧୬୮-୧୬୯......ବେରୁତ ୨୦୧୬)***

ହଜ୍‌ରତ୍ ଉବୈ ବିନ୍ କାଆବ୍ ବୟତେ ଅକ୍‌ବା ସାନିୟାରେ ୭୦ ଜଣ ସାହାବଙ୍କ ସାଥିରେ ସାମିଲ ଥିଲେ । ସେ ଇସ୍‌ଲାମ୍ ଆଗମନ ପୂର୍ବରୁ ଲେଖାପଢ଼ା ଜାଣିଥିଲେ । ପରେ ହଜୁର ସ:ଆ:ସଙ୍କ ଉପରେ ଯେଉଁ ଐଶିବାଣୀ ଅବତୀର୍ଣ୍ଣ ହେଉଥିଲା ତାହାକୁ ଲିପିବଦ୍ଧ କରିବାରେ ମଧ୍ୟ ସେ ସୌଭାଗ୍ୟ ଅର୍ଜନ କରିଥିଲେ । ଅର୍ଥାତ ମଦିନା ଆସିବା ପରେ । ହଜୁର ସ:ଆ:ସଙ୍କ ଉପରେ ଯେଉଁ ଐଶିବାଣୀ ଅବତୀର୍ଣ୍ଣ ହେଉଥିଲା ତାହାକୁ ଲିପିବଦ୍ଧ କରିବାରେ ଇଏ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ । ହଜୁର ସ:ଆ:ସ ହଜ୍‌ରତ୍ ଉବୈ ବିନ୍ କାଆବ୍ ଓ ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲାଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ ହଜରତ ଉବୈ ଓ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍‌ଙ୍କ ମଧ୍ୟରେ ମୈତ୍ରୀକ ସମ୍ପର୍କ ସ୍ଥାପନ କରିଥିଲେ ।

***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୩୭୮...... ବେରୁତ ୨୦୧୭)***

ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ, ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କୁ ଆଦେଶ ଦେଲେ କି ତୁମେ ହଜ୍‌ରତ୍ ଉବୈଙ୍କୁ କୁର୍‌ଆନ୍ ପଢ଼ି ଶୁଣାଅ । ହଜୁର ସ:ଆ:ସ କହିଲେ ମୋ ସମ୍ପ୍ରଦାୟର ସବୁଠାରୁ ବଡ଼ କାରି ହେଉଛନ୍ତି ହଜ୍‌ରତ୍ ଉବୈ ବିନ୍ କାଆବ୍ ।

***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୩୭୮........ ବେରୁତ ୨୦୧୭)***

ତାଙ୍କ ସକ୍ରାନ୍ତରେ ଉଲ୍ଲେଖ ରହିଛି କି ସେ କୁର୍‌ଆନ୍‌ର ମହାନ ଜ୍ଞାନୀ ଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ଉବୈ ବିନ୍ କାଆବ୍ ସେହି ଚାରିଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କ ସକ୍ରାନ୍ତରେ ହଜୁର ସ:ଆ:ସ କହିଥିଲେ ଏ ହେଉଛନ୍ତ କୁର୍‌ରାଏ ଉମ୍ମତ ଅର୍ଥାତ ମୋ ସମ୍ପ୍ରଦାୟର କାରୀ । ଯଦି କେହି କୋରାନ୍ ଶିଖିବାକୁ ଚାହୁଁଛନ୍ତି ବା ଇଚ୍ଛୁକ ଅଛନ୍ତି ତେବେ ସେ ଏମାନଙ୍କ ନିକଟରୁ କୋରାନ୍ ଶିଖିନିଅନ୍ତୁ ।

***(ତଫ୍‌ସୀର୍ କବିର୍, ଖଣ୍ଡ-୧୦, ପୃ-୮୪)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଅଧିକନ୍ତୁ କୁହନ୍ତି ହଜୁର ସ:ଆ:ସ ଯେଉଁ ଐଶିବାଣୀ ଲେଖାଳିମାନଙ୍କୁ ଡ଼ାକି ଐଶିବାଣି ଲେଖାଉଥିଲେ । ସେହି ପନ୍ଦରଜଣ ସାହାବଙ୍କ ନାମ ଯଥାକ୍ରମେ ଏପରି: ଜୈଦ୍ ବିନ୍ ସାବିତ୍, ଉବୈ ବିନ୍ କାଆବ୍, ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସରାହ୍, ଜୁବୈର୍ ବିନ୍ ଅଓ୍ୱାମ୍, ଖାଲିଦ୍ ବିନ୍ ସଇଦ୍ ବିନ୍ ଆସ, ଅବାନ୍ ବିନ୍ ସଇଦୁଲ୍ ଆସ, ହଂଜ୍‌ଲା ବିନ୍ ରବିୟଲ୍ ଅସଦି, ମୁଅଇକିବ୍ ବିନ୍ ମାଆତ୍ ବିନ୍ ଅବି ଫାତିମା, ଅବ୍‌ଦୁଲ୍ଲାଃ ବିନ୍ ଅର୍‌କମ୍ ଜୁହୈରୀ, ସରହବିଲ୍ ବିନ୍ ହସନା, ଅବ୍‌ଦୁଲ୍ଲାଃ ବିନ୍ ରଓ୍ୱାହ, ହଜ୍‌ରତ୍ ଅବୁବକର ର:ଅ, ହଜରତ ଉମର ର:ଅ, ହଜ୍‌ରତ୍ ଉସ୍‌ମାନ ର:ଅ ଏବଂ ହଜ୍‌ରତ୍ ଅଲୀ ର:ଅ । ଯେତେବେଳେ ହଜୁର ସ:ଆ:ସଙ୍କ ଉପରେ ପବିତ୍ର କୁର୍‌ଆନ୍‌ର କିଛି ପଂକ୍ତି ଅବତୀର୍ଣ୍ଣ ହେଉଥିଲା ହଜୁର ସ:ଆ:ସ ଏମାନଙ୍କ ମଧ୍ୟରୁ ଯେ କୌଣସି ବ୍ୟକ୍ତିଙ୍କୁ ଡ଼କାଇ ତାହାକୁ ଲିପିବଦ୍ଧ କରିନେଉଥିଲେ” ।

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୪୨୫-୪୨୬)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଗୋଟିଏ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ, ହଜୁର ସ:ଆ:ସ ପବିତ୍ର କୋରାନ୍ ପଠନକାରୀ ଶିକ୍ଷକମାନଙ୍କର ଗୋଟିଏ ଦଳ ଗଠନ କଲେ ଯେ ସମ୍ପୁର୍ଣ୍ଣ କୋରାନ୍ କଣ୍ଠସ୍ଥ କରି ଲୋକମାନଙ୍କୁ ପଢ଼ାଉଥିଲେ । ସେମାନେ ଚାରିଜଣ ଉଚ୍ଚ ପାହ୍ୟାର ଶିକ୍ଷକ ଥିଲେ । ସେମାନେ ହେଲେ, (୧) ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ (୨) ସାଲିମ୍ ମୌଲା ଅବି ହୁଜୈଫା, (୩) ମାଆଜ୍ ବିନ୍ ଜବଲ୍, (୪) ହଜ୍‌ରତ୍ ଉବୈ ବିନ୍ କାଆବ୍ ଏମାନଙ୍କ ମଧ୍ୟରୁ ପ୍ରଥମ ଦୁଇଜଣ ହିଜ୍‌ରତକାରୀ ଓ ପରବର୍ତୀ ଦୁଇଜଣ ଅନ୍‌ସାରୀ ଥିଲେ । ପେଶାରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ଜଣେ ଶ୍ରମିକ ଥିଲେ, ସାଲିମ୍ ଜଣେ ସ୍ୱାଧିନ ପ୍ରାପ୍ତ କ୍ରୀତଦାସ ଏବଂ ସାଆଦ୍ ବିନ୍ ଜବଲ୍ ଓ ହଜ୍‌ରତ୍ ଉବୈ ବିନ୍ କାଆବ୍ ଉଭୟ ମଦିନାର ଧର୍ନାଢ଼୍ୟ ବ୍ୟକ୍ତି ମଧ୍ୟରୁ ଥିଲେ । ଏପରି ହଜୁର ସ:ଆ:ସ ସମସ୍ତ ଦଳକୁ ଦୃଷ୍ଟିରେ ରଖି କାରି ଚୟନ କରିଥିଲେ । ହଦିସ୍‌ରେ ଉଲ୍ଲେଖ ରହିଛି, ହଜୁର ସ:ଆ:ସ କହିଲେ, ଖୁଜୁଲ୍ କୁର୍‌ଆନ୍ ମିନ୍ ଅର୍‌ବଆତିନ୍ ମିନ୍ ଅବ୍‌ଦୁଲ୍ଲା ବିନ୍ ମସ୍‌ଉଦ୍ ଓ୍ୱ ସାଲିମ୍ ଓ୍ୱ ମାଆଜ ବିନ୍ ଜବଲ୍ ଓ୍ୱ ହଜ୍‌ରତ୍ ଉବୈ ବିନ୍ କାଆବ୍ । ଅର୍ଥାତ ଯିଏ କୋରାନ୍ ପଢ଼ିବାକୁ ଚାହୁଁଛନ୍ତି ସେମାନେ ଏହି ଚାରିଜଣଙ୍କଠାରୁ ପଢ଼ନ୍ତୁ, ଏହି ଚାରିଜଣ ଏପରି ବ୍ୟକ୍ତି ଯାହାଙ୍କୁ ସମ୍ପୁର୍ଣ୍ଣ କୋରାନ୍ ହଜୁର ସ:ଆ:ସ ଶିଖାଇଥିଲେ ଅବା ତାଙ୍କଠାରୁ ଶୁଣି ସେମାନଙ୍କର ସଂଶୋଧନ କରିନେଇଥିଲେ ଏବଂ ଏମାନଙ୍କ ବ୍ୟତିତ ମଧ୍ୟ ଆହୁରି ଅନେକ ସାହାବା ହଜୁର ସ:ଆ:ସଙ୍କଠାରୁ ସିଧାସଳଖ ପ୍ରତ୍ୟକ୍ଷ ଭାବରେ କିଛିନା କିଛି କୋରାନ୍‌ର ଅଂଶ ଶିଖୁଥିଲେ । ଅର୍ଥାତ ହଜୁର ସ:ଆ:ସ କେବଳ ଏହି ସାହାବିମାନଙ୍କୁ କୋରାନ୍ ଶିଖାଇନଥିଲେ ବରଂ ଅନେକ ସାହାବାମାନଙ୍କୁ ମଧ୍ୟ ହଜୁର ସିଧାସଳଖ ଭାବରେ କୋରାନ୍‌ର କିଛି କିଛି ଅଂଶ ଶିଖାଉଥିଲେ ।

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୪୨୭-୪୨୮)***

ହଜ୍‌ରତ୍ ଅନସ୍ ବିନ୍ ମାଲିକ ବର୍ଣ୍ଣନା କରନ୍ତି କି ନବୀ କରିମ୍ ସ:ଆ:ସ ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କୁ କହିଲେ, ଅଲ୍ଲାଃ ତାଲା ମୋତେ ଆଦେଶ ଦେଇଛନ୍ତି କି ମୁଁ ତୁମକୁ **ସୁରଃ ଲମ୍ ୟକୁନିଲ୍ ଲଜିନା କଫରୁ ମିନ୍ ଅହ୍‌ଲିଲ୍** ପାଠ କରି ଶୁଣାଇବି । ଏଥିରେ ସେ ପଚାରିଲେ କଣ ପ୍ରଭୁ ମୋ ନାମ ନେଇ ଆପଣଙ୍କୁ ଆଦେଶ ଦେଇଛନ୍ତି ? ହଜୁର ସ:ଆ:ସ ଉତର ଦେଲେ ହଁ, ଏହା ଶୁଣି ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କ ଚକ୍ଷୁରୁ ଅଶ୍ରୁଧାରା ନିର୍ଗତ ହୋଇଗଲା । ଏହା ବୁଖାରୀର ବର୍ଣ୍ଣନା ଅଟେ । ***(ସହି ବୁଖାରୀ...... ହଦିସ୍-୩୮୦୯)***

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅନସ୍ ବିନ୍ ମାଲି କୁହନ୍ତି ହଜୁର ସ:ଆ:ସ ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କୁ କହିଲେ, ଅଲ୍ଲାଃ ତାଲା ମୋତେ ତୁମକୁ କୋରାନ୍ ପାଠ କରି ଶୁଣାଇବା ପାଇଁ ଆଦେଶ ଦେଇଛନ୍ତି । ଏଥିରେ ସେ ପଚାରିଲେ କଣ ଅଲ୍ଲାଃ ତାଲା ମୋର ନାମ ନେଇଥିଲେ ହଜୁର ସ:ଆ:ସ କହିଲେ ହଁ, ପୁନଶ୍ଚ ହଜ୍‌ରତ୍ ଉବୈ ବିନ୍ କାଆବ୍ କହିଲେ, ଉଭୟ ଜଗତର ପାଳନକର୍ତାଙ୍କ ନିକଟରେ ମୋର ଚର୍ଚ୍ଚା ହେଲା, ହଜୁର ସ:ଆ:ସ କହିଲେ ହଁ, ଏହା ଶୁଣି ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କ ଚକ୍ଷୁରୁ ଅଶ୍ରୁଧାରା ନିର୍ଗତ ହୋଇଯାଇଥିଲା । ***(ସହି ବୁଖାରୀ...... ହଦିସ୍-୪୯୬୧)***

ଏହି ଘଟଣାର ବ୍ୟାଖ୍ୟା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ନିଜ ଭାଷାରେ ବର୍ଣ୍ଣନା କରିଛନ୍ତି, ଆପଣ କୁହନ୍ତି ଅବୁ ହାଇୟା ବଦ୍‌ରୀ ବର୍ଣ୍ଣନା କରନ୍ତି ଯେତେବେଳେ ସୁରଃ ଲମ୍ ୟକୁନି ସମ୍ପୁର୍ଣ୍ଣ ରୂପେ ଅବତୀର୍ଣ୍ଣ ହେଲା ସେତେବେଳେ ହଜ୍‌ରତ୍ ଜିବ୍‌ରିଲ୍ ହଜୁର ସ:ଆ:ସଙ୍କୁ କହିଲେ, ଅଲ୍ଲାଃ ତାଲା ଆପଣଙ୍କୁ ଆଦେଶ ଦେଇଛନ୍ତି କି ଆପଣ ଏହି ସୁରାଃ ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କୁ ସ୍ମରଣ କରାଇଦିଅନ୍ତୁ । ଏଥିରେ ହଜୁର ସ:ଆ:ସ ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କୁ ଡ଼କାଇ କହିଲେ, ମତେ ତୁମକୁ ଏହି ସୁରାଃ ସ୍ମରଣ କରାଇବାକୁ ଆଦେଶ ଦିଆଯାଇଅଛି । ଏଥିରେ ହଜ୍‌ରତ୍ ଉବୈ ବିନ୍ କାଆବ୍ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ପ୍ରଭୁଙ୍କ ନିକଟରେ ମୋର ଆଲୋଚନା ହେଲା, ଆପଣ କହିଲେ ହଁ, ଏଥିରେ ସେ ପ୍ରସନ୍ନ ଚିତ ହୋଇ କାନ୍ଦି ପକାଇଲେ । ***(ତଫ୍‌ସିର୍ କବୀର ଖଣ୍ଡ-୮, ପୃ-୩୪୨)***

ହଜୁର ସ:ଆ:ସଙ୍କ ପରେ ହଜ୍‌ରତ୍ ଉମର୍ ର:ଅ ଏହି ବାକ୍ୟକୁ ଅନେକଥର ମନେପକାଇ ତାଙ୍କ କଥାକୁ ସ୍ମରଣ କରୁଥିଲେ ଅର୍ଥାତ ଏହି ଘଟଣାକୁ ସ୍ମରଣ କରୁଥିଲେ । ଏକଦା ମସ୍‌ଜିଦ୍ ନବଓ୍ୱିର୍ ମେମ୍ବର ମଂଚ ଉପରେ ଚଢ଼ି କହିଲେ, ସବୁଠାରୁ ବଡ଼ କାରି ହଜ୍‌ରତ୍ ଉବୈ ବିନ୍ କାଆବ୍ ଅଟନ୍ତି । ସିରିୟାର ପ୍ରସିଦ୍ଧ ସହର ଜାବିୟାଠାରେ ଖୁତ୍‌ବାରେ ଏକଦା କହିଲେ, ଅର୍ଥାତ ହଜ୍‌ରତ୍ ଉମର ର:ଅ କହିଲେ: **ମନ୍ ଆରାଦଲ୍ କୁର୍‌ଆନା ଫଲ୍‌ୟାତି ଉବୟନ୍** ଅର୍ଥାତ ଯେ କେହି କୋରାନ୍ ଶିଖିବାର ଆଗ୍ରହ ରଖୁଛନ୍ତି ସେ ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କ ନିକଟକୁ ଆସନ୍ତୁ ।

***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୪୯...... କରାଚି)***

***(ମୁଅଜମୁଲ୍ ବୁଲ୍‌ଦାନ, ଖଣ୍ଡ-୨, ପୃ-୯୧)***

ହଜ୍‌ତର୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସଙ୍କ ସମୟକାଳରେ ଚାରିଜଣ ବ୍ୟକ୍ତି ସମ୍ପୁର୍ଣ୍ଣ କୋରାନ୍ କଣ୍ଠସ୍ଥ କରିନେଇଥିଲେ ଏବଂ ସେ ସମସ୍ତେ ଅନ୍‌ସାରୀ ଥିଲେ । ସେମାନେ ହେଲେ, ହଜ୍‌ରତ୍ ଉବୈ ବିନ୍ କାଆବ୍, ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍, ହଜ୍‌ରତ୍ ଅବୁ ଜୈଦ୍ ଏବଂ ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ । ଏହା ବୁଖାରୀର ବର୍ଣ୍ଣନା ଅଟେ ।

***(ସହି ବୁଖାରୀ....... ହଦିସ୍ ନଂ-୩୮୧୦.....ରବୁଓ୍ୱା)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି । ଅନ୍‌ସାରମାନଙ୍କ ମଧ୍ୟରେ ଯେଉଁ ପ୍ରଶିଦ୍ଧ କାରିମାନେ ଥିଲେ, ଅର୍ଥାତ କୋରାନ୍ ମୁଖସ୍ଥକାରୀଙ୍କ ନାମ ଯଥା କ୍ରମେ, ଅବାଦ୍ ବିନ୍ ସାମତ୍, ମାଆଜ, ମୁଜ୍‌ମିଇ ବିନ୍ ହାରିସା, ଫଜାଲା ବିନ୍ ଉବୈଦ୍, ମୁସ୍‌ଲିମା ବିନ୍ ମୁଖଲଦ୍, ଅବୁ ଦର୍‌ଦାଆ, ଅବୁ ଜୈଦ୍, ଜୈଦ୍ ବିନ୍ ସାବିତ୍, ହଜ୍‌ରତ୍ ଉବୈ ବିନ୍ କାଆବ୍, ସାଆଦ୍ ବିନ୍ ଅବାଦା ଏବଂ ଉମ୍ମେ ଓ୍ୱର୍‌କା ।

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୪୩୦)***

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଲେ: ମୋ ସମ୍ପ୍ରଦାୟର ସବୁଠାରୁ ଅଧିକ ଦୟାଳୁ ହଜ୍‌ରତ୍ ଅବୁବକର ର:ଅ ଅଟନ୍ତି ଏବଂ ପ୍ରଭୁଙ୍କ ଧର୍ମ ପ୍ରସଙ୍ଗରେ ସବୁଠାରୁ ଅଧିକ କଠୋର ହଜ୍‌ରତ୍ ଉମର୍ ର:ଅ । ଅର୍ଥାତ ନିୟମ ପାଳନ କରିବାରେ ବେଶ୍ ଶକ୍ତ ଏବଂ ଲାଜ ସରମ୍ ପ୍ରସଙ୍ଗରେ ସବୁଠାରୁ ଅଧିକ ପୁର୍ଣ୍ଣାଙ୍ଗ ବ୍ୟକ୍ତି ହଜ୍‌ରତ୍ ଉସ୍‌ମାନ ର:ଅ ଅଟନ୍ତି ତଥା

ବୈଧ ଓ ଅବୈଧର ସବୁଠାରୁ ଅଧିକ ଜ୍ଞାନ ରଖୁଥିବା ବ୍ୟକ୍ତି ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ଅଟନ୍ତି ଏବଂ କର୍ତବ୍ୟର ସବୁଠାରୁ ଅଧିକ ଧାରଣା ରଖୁଥିବା ବ୍ୟକ୍ତି ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ଅଟନ୍ତି । କୁର୍‌ଆନ୍ ପାଠ କରିବାର ଉତମ ଶୈଳୀ ସମ୍ବନ୍ଧରେ ଅବଗତ ଥିବା ବ୍ୟକ୍ତି ହଜ୍‌ରତ୍ ଉବୈ ବିନ୍ କାଆବ୍ ପୁନଶ୍ଚ ହଜୁର କହିଲେ, ପ୍ରତ୍ୟେକ ସମ୍ପ୍ରଦାୟର ଜଣେ ଅମୀନ୍ ହୋଇଥାଏ ମୋ ସମ୍ପ୍ରଦାୟର ଅମୀନ୍ ହଜ୍‌ରତ୍ ଅବି ଉବୈଦା ବିନ୍ ଜର୍‌ରାହ ଅଟନ୍ତି ।

***(ତିର୍‌ମିଜ୍..... ହଦିସ୍ ୩୭୯୦)***

ହଜୁର ସ:ଆ:ସ ମଦିନା ପ୍ରସ୍ଥାନ କରିବାପାରେ ଆପଣଙ୍କ ଉପରେ ଅବତୀର୍ଣ୍ଣ ଐଶିବାଣୀ ଲେଖାଳି ହଜ୍‌ରତ୍ ଉବୈ ବିନ୍ କାଆବ୍ ଥିଲେ । ସେତେବେଳେ ପୁସ୍ତକ ଅବା କୋରାନ୍ ର ଶେଷରେ କାତିବ୍ ଅର୍ଥାତ ଲେଖୁଥିବା ବ୍ୟକ୍ତିର ନାମ ଦରଜ କରିବା ପ୍ରଚଳନ ନଥିଲା କିନ୍ତୁ ହଜ୍‌ରତ୍ ଉବୈ ବିନ୍ କାଆବ୍ ସର୍ବ ପ୍ରଥମେ ପୁସ୍ତକର ଶେଷରେ କାତିବ୍‌ର ନାମ ଦରଜ କରିଥିଲେ । ଏପରି ଏହି ପ୍ରଥା ତାଙ୍କଠାରୁ ପ୍ରଚଳିତ ହୋଇଥିଲା ଯାହାକି ଆଜିପର୍ଯ୍ୟନ୍ତ ପ୍ରଚଳିତ ରହିଛି ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୧୭୦.......... ବେରୁତ ୨୦୧୬)***

ହଜ୍‌ରତ୍ ଉବୈ ବିନ୍ କାଆବ୍ କୋରାନ୍‌ର ଗୋଟିଏ ଗୋଟିଏ ଶବ୍ଦ ହଜୁର ସ:ଆ:ସଙ୍କ ପବିତ୍ର ମୁଖରୁ ଶୁଣି ମନେ ରଖିଥିଲେ । ହଜୁର ସ:ଆ:ସ ମଧ୍ୟ ତାଙ୍କର ଏପରି ଉତ୍କଣ୍ଠା ଓ ଆଗ୍ରହ ଦେଖି ତାଙ୍କ ଶିକ୍ଷା ଆହାରଣ ପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ନବୁଓ୍ୱତ୍‌ର ଗାରିମା ଯୋଗୁଁ ବଡ଼ ବଡ଼ ସାହାବାମାନେ ନିଜ ନିଜର ମନରେ ଉଙ୍କି ମାରୁଥିବା ପ୍ରଶ୍ନ ପଚାରିବାକୁ ନିବୃତ ରହୁଥିବା ବେଳେ ହଜ୍‌ରତ୍ ଉବୈ ବିନ୍ କାଆବ୍ ବିନା ଦ୍ୱନ୍ଦରେ ହଜୁର ସ:ଆ:ସଙ୍କୁ ପ୍ରଶ୍ନ ପଚାରି ଦେଉଥିଲେ । ଏପରି ନୁହେଁ କି ଯାହା ତାହା କିଛି ତାଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଥିଲା ଅର୍ଥାତ ମୂଲ୍ୟହୀନ ପ୍ରଶ୍ନ, ତାହା ସେ ପଚାରି ନେଉଥିଲେ । ବରଂ ନବୁଓ୍ୱତ୍‌ର ମର୍ଯ୍ୟଦା ଓ ପ୍ରତିଷ୍ଠାକୁ ଆଖି ଆଗରେ ରଖି ସେ ପ୍ରଶ୍ନ ପଚାରୁଥିଲେ କିନ୍ତୁ ମନରେ ତାଙ୍କର କୌଣସି ଦ୍ୱନ୍ଦ ନଥିଲା । ତାଙ୍କର ଏପରି ଆଗ୍ରହ ଦେଖି କେତେକ ସମୟରେ ହଜୁର ସ:ଆ:ସ ନିଜେ ଆରମ୍ଭ କରୁଥିଲେ ଓ ତାଙ୍କର ଅର୍ଥାତ ଉବୈ ବିନ୍ କାଆବ୍‌ଙ୍କ ପ୍ରଶ୍ନ ନପଚାରିଥିବା ସତ୍ୱେ ମଧ୍ୟ ଉତର ଦେଇଦେଉଥିଲେ ।

***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୪୮...... କରାଚି)***

ଏକଦା ହଜୁର ସ:ଆ:ସ ଫଜର୍ ନମାଜ ପଢ଼ିବାବେଳେ ଗୋଟିଏ ଆୟତ ପଢ଼ିବାକୁ ଭୁଲିଗଲେ । ହଜ୍‌ରତ୍ ଉବୈ ବିନ୍ କାଆବ୍ ନମାଜ୍‌ର ଆରମ୍ଭରେ ଉପସ୍ଥିତ ନଥିଲେ ଅର୍ଥାତ ନମାଜର ମଧ୍ୟଭାଗରେ ଆସି ସେ ସାମିଲ ହୋଇଥିଲେ । ନମାଜ ଶେଷ ହେବାପରେ ହଜୁର ସ:ଆ:ସ ଲୋକମାନଙ୍କୁ ପଚାରିଲେ କେହି ମୋର ତିଲାଓ୍ୱତ୍ ପ୍ରତି ଧ୍ୟାନ ଦେଇଥିଲେ କି ? ସମସ୍ତ ଲୋକମାନେ ନୀରବ ରହିଲେ, ପୁନଶ୍ଚ ପଚାରିଲେ, ହଜୁର ସ:ଆ:ସ ହଜ୍‌ରତ୍ ଉବୈ ବିନ୍ କାଆବ୍ କାହାନ୍ତି ? ସେତେବେଳକୁ ହଜ୍‌ରତ୍ ଉବୈ ବିନ୍ କାଆବ୍ ନିଜ ନମାଜ ଶେଷ କରିନେଇଥିଲେ ଅର୍ଥାତ ଯାହା ବାୟମାତ୍ ନମାଜ ପାଠ କରିବାରୁ ତାଙ୍କର ରହିଯାଇଥିଲା ତାହା ସେ ସମ୍ପୂର୍ଣ୍ଣ କରିନେଇଥିଲେ । ଅତଏବ ସେ କହିଲେ, ହଜୁର ଆପଣ ଅମୁକ ପଂକ୍ତି ପାଠ କରିନାହାନ୍ତି କଣ ତାହା ରଦ୍ଦ ହୋଇଗଲା ଅବା ଆପଣ ତାହା ପାଠ କରିବାକୁ ଭୁଲିଗଲେ କି ? ହଜୁର ସ:ଆ:ସ କହିଲେ ମୁଁ ତାହା ପାଠ କରିବାକୁ ଭୁଲିଯାଇଛି । ଏଥିଅନ୍ତେ ହଜୁର ସ:ଆ:ସ ଉବୈଙ୍କୁ ଚାହିଁ କହିଲେ, ମତେ ଜଣାଥିଲା ତୁମ ବ୍ୟତିତ କାହାର ଏଥିପ୍ରତି ଧ୍ୟାନ କେନ୍ଦ୍ରିତ ହୋଇନଥିବ । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୪୮...... କରାଚି)***

ହଜ୍‌ରତ୍ ଉବୈ ବିନ୍ କାଆବ୍ କୁହନ୍ତି, ଏକଦା ମୁଁ ମସ୍‌ଜିଦ୍‌ରେ ଥିଲି ଏହି ଅବସ୍ଥାରେ ଜଣେ ବ୍ୟକ୍ତି ଭିତରକୁ ଆସିଲେ ଏବଂ ନମାଜ ପାଠ କଲେ, ସେ ନମାଜରେ ଏଭଳି ଶୈଳୀରେ କୋରାନ୍‌ର ପଂକ୍ତି ପାଠ କଲେ, ଯାହାକି ମତେ ବିଚିତ୍ର ଲାଗିଲା ତା'ପରେ ଆଉ ଜଣେ ବ୍ୟକ୍ତି ଆସିଲେ ସେ ମଧ୍ୟ ଭିନ୍ନ ରକମର ଶୈଳୀରେ କୋରାନ୍ ପାଠ କଲେ । ନମାଜ ପାଠ ଶେଷ କରିବା ପରେ ଆମେ ହଜୁର ସ:ଆ:ଙ୍କ ସେବାରେ ଉପସ୍ଥିତ ହେଲୁ । ମୁଁ ହଜୁର ସ:ଆ:ସଙ୍କୁ କହିଲି ହଜୁର ଏମାନେ ଏଭଳି ଶୈଳୀରେ କୋରାନ୍ ପାଠ କରିଛନ୍ତି ଯାହା ମତେ ଅଡୁଆ ବା ବିଚିତ୍ର ଲାଗିଲା । ହଜୁର ସ:ଆ:ସ ସେ ଦୁହିଁଙ୍କୁ କହିଲେ, ମତେ ତୁମେ କୋରାନ୍ ପାଠ କରି ଶୁଣାଅ ଅତଏବ ସେମାନେ କୋରାନ୍ ପାଠ କଲେ । ସେ ସବୁ ଶୁଣିବାପାରେ ହଜୁର ସ:ଆ:ସ କହିଲେ, ଏମାନେ ସଠିକ୍ ପାଠ କରିଛନ୍ତି, ହଜ୍‌ରତ୍ ଉବୈ ବିନ୍ କାଆବ୍ କୁହନ୍ତି, ସେମାନଙ୍କ ପଠନ ଶୈଳୀକୁ ମୁଁ ଅନୁଚିତ ମଣିଥିଲି କିନ୍ତୁ ହଜୁର ସ:ଆ;ସ ତାଙ୍କୁ ସଠିକ୍ ସାବ୍ୟସ୍ତ କରିବାରୁ ମୁଁ ବହୁତ କ୍ଷୋଭ ଓ ଅପମାନିତ ବୋଧ କଲି । ଏପରି ନିନ୍ଦିତ ମୁଁ ମୁସଲମାନ ହେବାପୂର୍ବରୁ ମଧ୍ୟ ଜୀବନରେ କଦାପି ହୋଇନଥିଲି, ଯାହାକି ମତେ ସେତେବେଳେ ଅନୁଭବ ହୋଇଥିଲା । ମୋର ସେହି ଅବସ୍ଥା ଯାହା ମୋ ମୁଖମଣ୍ଡଳରୁ ପ୍ରକାଶ ପାଉଥିଲା, ହଜୁର ସ:ଆ:ସଙ୍କ ଦୁରଦୃଷ୍ଟି ଅବଲୋକନ କରିନେଇଥିଲେ ଅତଏବ ହଜୁର ମୋ ଛାତି ଉପରେ ହାତ ମାରିଲେ ମୁଁ ଝାଳରେ ବୁଡ଼ି ଯାଇଥିଲି ଏବଂ ଭୟରେ ପ୍ରକମ୍ପିତ ହୋଇଉଠିଲି । ହଜୁର ସ:ଆ:ସ କହିଲେ, ଉବୈ ମତେ ସନ୍ଦେଶ ଦିଆଗଲା କି ମୁଁ କୋରାନ୍ କୁ ଗୋଟିଏ ଶୈଳୀରେ ପାଠ କରିବି । ସେତେବେଳେ ମୁଁ କହିଲି କି ମୋ ସମ୍ପ୍ରଦାୟ ପାଇଁ ସରଳମାର୍ଗ ଯୋଗାଇ ଦିଆଯାଉ ବା ସହଜ କରାଯାଉ । ସେ ଉତର ଦେଲେ, ତେବେ ଦୁଇଟି ଶୈଳୀରେ ପାଠ କରିନିଅ । ମୁଁ ପୁନଃ କହିଲି ମୋ ସମ୍ପ୍ରଦାୟ ପାଇଁ ସରଳମାର୍ଗ ଓ ସହଜ ଶୈଳୀ କରାଯାଉ । ଏଥିରେ ତୃତୀୟଥର ଉତର ମିଳିଲା, ସାତଟି ପଠନ ଶୈଳୀରେ କୋରାନ୍ ପାଠ କରିନିଅ । ସୁତରାଂ ଏହି ପ୍ରଶ୍ନର ମୁଁ ତୁମକୁ ଯେଉଁ ଉତର ଦେଲି ତାହା ପ୍ରତିବଦଳରେ ଗୋଟିଏ ଦୁଆ ଅର୍ଥାତ ତିନୋଟି ପ୍ରଶ୍ନର ଉତରରେ ତିନୋଟି ଦୁଆ କରିବାର ଅଧିକାର ମତେ ପ୍ରଦାନ କରାଯାଉଛି ଯାହା ମୋ ମାଗିବା ଦ୍ୱାରା ପୂରଣ କରାଯିବ । ସେତେବେଳେ ହଜୁର ସ:ଆ:ସ କହିଲେ, ହେ ପ୍ରଭୁ ମୋ ସମ୍ପ୍ରଦାୟକୁ କ୍ଷମା କରିଦିଅ । ହେ ପ୍ରଭୁ ମୋ ଉମ୍ମତକୁ କ୍ଷମା କରିଦିଅ ! ଏବଂ ତୃତୀୟ ଦୁଆ ସେହି ଦିନ ପାଇଁ ଛାଡ଼ିଦେଲେ ଯେଉଁଦିନ ସମସ୍ତ ସୃଷ୍ଟଜ ଏକତ୍ରିତ ହେବେ ଏବଂ ସମସ୍ତ ସୃଷ୍ଟି ମୋ ପ୍ରତି ଧ୍ୟାନ କେନ୍ଦ୍ରିତ କରିବେ ଅର୍ଥାତ ମୋ ଆଡ଼କୁ ମୁହାଁଇବେ ଏପରି କି ହଜ୍‌ରତ୍ ଇବ୍ରାହିମ୍ ଆ:ସ ମଧ୍ୟ ମୋ ନିକଟକୁ ଆସିବେ । ***(ସହି ମୁସ୍‌ଲିମ୍, କିତାବୁସ୍ ସଲାତ୍...... ନୂର୍ ଫାଉଣ୍ଡେଶନ୍, ଖଣ୍ଡ-୩, ପୃ-୩୦୮-୩୦୯)***

ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କୁ କୋରାନ୍ ପାଠ କରିବାର ଏଭଳି ଦକ୍ଷତା ହାସଲ ଥିଲା ଯାହାର ଅନୁମାନ ଏଥିରୁ ସ୍ପଷ୍ଟ ହେଉଅଛି କି ସ୍ୱୟମ ହଜୁର ସ:ଆ:ସ ତାଙ୍କ ଦ୍ୱାରା ପବିତ୍ର କୋରାନ୍ ଶୁଣୁଥିଲେ । ଅତଏବ ଯେଉଁ ବର୍ଷ ହଜୁର ସ:ଆ:ସଙ୍କର ନିଧନ ହେଲା ସେତେବେଳେ ମଧ୍ୟ ଆପଣ ତାଙ୍କୁ କୋରାନ୍ ଶୁଣାଇଥିଲେ ଅର୍ଥାତ କୋରାନ୍‌ର ସମ୍ପୁର୍ଣ୍ଣ ଦୌର୍ କରିଥିଲେ । ଆପଣ କହିଲେ ମତେ ଜିବ୍‌ରିଲ୍ କହିଛନ୍ତି କି ଉବୈଙ୍କୁ କୋରାନ୍ ପାଠ କରି ଶୁଣାଅ । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୪୯...... କରାଚି)***

ଅତଏବ ହଜୁର ସ:ଆ:ସଙ୍କ ଜୀବନ କାଳରେ ହଜ୍‌ରତ୍ ଉବୈ ଜଣେ ଇରାନୀଙ୍କୁ କୋରାନ୍ ପଢ଼ାଉଥିଲେ ଯେତେବେଳେ ସେ ଏହି ପଂକ୍ତିରେ ପହଂଚିଥିଲେ, ଇନ୍ନା ଶଜରତଜ୍ ଜକୁମି ତାଆମୁଲ୍ ଅସିମ୍ ସେତେବେଳେ ତାଙ୍କ ଦ୍ୱାରା ଅସିମ୍ ଉଚ୍ଚାରିତ ହେଉନଥିଲା ଅର୍ଥାତ ସେହି ଇରାନୀ ବ୍ୟକ୍ତିଜଣକ ଯେହେତୁ ଅଣଆରବୀୟ ଥିଲେ ତେଣୁକାରି ଆରବୀ ଭାଷା ସଠିକ୍ ଭାବେ ଉଚ୍ଚାରଣ କରିପାରୁନଥିଲେ । ପ୍ରତିଥର ଅସିମ୍ ଶବ୍ଦକୁ ୟତିମ୍ କହିଦେଉଥିଲେ । ଏଥିଯୋଗୁଁ ହଜ୍‌ରତ୍ ଉବୈ ବିନ୍ କାଆବ୍ ଜଟିଳ ସମସ୍ୟାରେ ପଡ଼ିଯାଇଥିଲେ କି ୟାଙ୍କୁ କିଭଳି ମୁଁ ଶିଖାଇବି ଅର୍ଥାତ ସଠିକ୍ ଉଚ୍ଚାରଣ କିପରି ଶିଖାଇବି ? ଭାଗ୍ୟବଶତଃ ହଜୁର ସ:ଆ:ସଙ୍କର ସେହି ରାସ୍ତାଦେଇ ଅତିକ୍ରମ ହେଲା, ହଜୁର ସ:ଆ:ସ ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କୁ ଦ୍ୱନ୍ଦରେ ପଡ଼ିଥିବା ଦେଖି କହିଲେ, ମନେ ହେଉଛି ତୁମେ କିଛି ସମସ୍ୟାର ସମ୍ମୁଖୀନ ହୋଇଛ ? ଅତଏବ ଉକ୍ତ ସମସ୍ୟାର ସମାଧାନ କରି ହଜୁର ସ:ଆ:ସ କହିଲେ, ତୁମେ ତାଙ୍କୁ କୁହ ତାଆମୁସ୍ ଜାସିମ୍ । ଅର୍ଥାତ ଜ ଉଚ୍ଚାରଣ କର ଆ ସ୍ଥାନରେ ଜା ଉଚ୍ଚାରଣ କରି ତାଙ୍କୁ ଶିଖାଅ । ଏହା ଶୁଣି ସେ ସ୍ପଷ୍ଟ ଭାବରେ ଅର୍ଥାତ ସେହି ଇରାନୀ ଜଣଙ୍କ ଯିଏ କୋରାନ୍ ଶିଖୁଥିଲେ ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କଠାରୁ ଆସିମ୍ ଶବ୍ଦ ଉଚ୍ଚାରଣ କରିଦେଲେ ଅର୍ଥାତ ସଠିକ୍ ଉଚ୍ଚାରଣ କରିଦେଲେ । ହଜୁର ସ:ଆ:ସ ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କୁ କହିଲେ, ଏହାର ଭାଷା ସଠିକ କରାଅ ଯେପରି ତାହାର ଭାଷା ତାଙ୍କୁ ସେହି ଶୈଳୀରେ ଉଚ୍ଚାରଣ ଶିଖାଇଲେ ସେ ପବିତ୍ର କୋରାନ୍ ସଠିକ୍ ରୂପେ ଉଚ୍ଚାରଣ କରିପାରିବେ । ତା'ଠାରୁ ଆରବୀ ଶବ୍ଦ ଉଚ୍ଚାରଣ କରାଅ ପ୍ରଭୁ ତୁମକୁ ତାହାର ପ୍ରତିଫଳ ପ୍ରଦାନ କରିବେ ।

***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୫୨...... କରାଚି)***

ଏକଦା ହଜୁର ସ:ଆ:ସ ଯୁମାରେ ଖୁତ୍‌ବା ଦେଉଥିଲେ ଇତିମଧ୍ୟରେ ଆପଣ ସୁରାଃ ବରାଅତ୍ ପାଠ କଲେ, ତାହା ହଜ୍‌ରତ୍ ଅବୁ ଦର୍‌ଦା ଓ ହଜ୍‌ରତ୍ ଅବୁ ଜର୍‌ଙ୍କୁ ଜଣାନଥିଲା ସେତେବେଳେ ସେମାନେ ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କୁ ଇସାରା କରି ପଚାରିଲେ, ଏହି ସୁରାଃ କେବେ ଅବତୀର୍ଣ୍ଣ ହେଲା କାରଣ ସେମାନେ ଆଗରୁ କଦାପି ଏହା ଶୁଣିନଥିଲେ । ହଜ୍‌ରତ୍ ଉବୈ ବିନ୍ କାଆବ ଇସାରାରେ ତାଙ୍କୁ ନୀରବ ହେବାକୁ କହିଲେ, ନମାଜ ଶେଷ ହେବା ଅନ୍ତେ ଯେତେବେଳେ ଘରକୁ ପ୍ରସ୍ଥାନ କଲେ, ସେତେବେଳେ ସେ ଦୁହେଁ ହଜ୍‌ରତ୍ ଉବୈ ବିନ୍ କାଆବ୍‌ଙ୍କୁ କହିଲେ ତୁମେ ଆମ ପ୍ରଶ୍ନର ଉତର ଦେଲନାହିଁ କାହିଁକି, ହଜ୍‌ରତ୍ ଉବୈ ବିନ୍ କାଆବ୍ କହିଲେ ଆଜି ତୁମର ନମାଜ ବ୍ୟର୍ଥ ହୋଇଗଲା ତାହା ପୁଣି ଏପରି କାର୍ଯ୍ୟପାଇଁ ଏହା ଶୁଣି ସେମାନେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ହଜୁର ହଜ୍‌ରତ୍ ଉବୈ ବିନ୍ କାଆବ୍ ଆମକୁ ଏଭଳି କହିଛନ୍ତି ଅର୍ଥାତ ଆମ ନମାଜ ନିରର୍ଥକ ହୋଇଯାଇଛି ବୋଲି ସେ ଆମକୁ କହିଛନ୍ତି ଏଥିରେ ହଜୁର ସ:ଆ:ସ କହିଲେ, ସେ ଠିକ୍ କହିଛନ୍ତି କାରଣ ଖୁତ୍‌ବା ମଝିରେ ତୁମକୁ କଥାଭାଷା ହେବା ଉଚିତ ନୁହେଁ ଏହା ଅପ୍ରାସଙ୍ଗିକ । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୫୭...... କରାଚି)***

ହଜ୍‌ରତ୍ ଉବୈ ବିନ୍ କାଆବ୍ ବର୍ଣ୍ଣନା କରିଛନ୍ତି ଯେ ହଜୁର ସ:ଆ:ସ କହିଲେ ହଜ୍‌ରତ୍ ଅବୁ ମୁନ୍‌ଜିର୍ କଣ ତୁମକୁ ଜଣାଅଛି ପ୍ରଭୁଙ୍କ ପୁସ୍ତକ ମଧ୍ୟରୁ ଯାହା ତୁମ ନିକଟରେ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଅଛି ସେଥିମଧ୍ୟରୁ ସର୍ବଶ୍ରେଷ୍ଠ ଆୟତଟି କଣ ? ସେ କହିଲେ, ଅଲ୍ଲାଃ ଓ ତାହାଙ୍କ ରସୁଲ୍ ଭଲ ଭାବରେ ଜାଣନ୍ତି, ହଜୁର ସ:ଆ:ସ ତାଙ୍କୁ ସମାନ୍ ପ୍ରଶ୍ନ ପୁନଃ ପଚାରିଲେ, ଏଥିରେ ସେ ଉତର ଦେଲେ **ଅଲ୍ଲାହୁ ଲା ଇଲାହା ଇଲ୍ଲାହୁୱଲ୍ ହୟିଉଲ୍ କୟୁମ୍** ଏଥିରେ ହଜୁର ସ:ଆ:ସ ତାଙ୍କ ଛାତି ଉପରେ ହାତମାରି କହିଲେ, ତୁମର ଏହି ପାଣ୍ଡିତ୍ୟତା ଯୋଗୁଁ ତୁମକୁ ଅଭିନନ୍ଦନ ଅର୍ଥାତ ହଜୁର ସ:ଆ:ସ ଏହି ଉତରକୁ ପସନ୍ଦ କରିଥିଲେ ।

***(ସହି ମୁସ୍‌ଲିମ୍, କିତାବୁସ୍ ସଲାତ୍...... ନୂର୍ ଫାଉଣ୍ଡେଶନ୍, ଖଣ୍ଡ-୩, ପୃ-୩୦୦)***

ହଜୁର ସ:ଆ:ସଙ୍କ ପବିତ୍ର ସମୟକାଳରେ ହଜ୍‌ରତ୍ ଉବୈ ବିନ୍ କାଆବ୍, ହଜ୍‌ରତ୍ ତୁଫେଲ୍ ବିନ୍ ଉମ୍‌ରୋ ଦୌସିଙ୍କୁ କୋରାନ୍ ପଢ଼ିବା ଶିଖାଇଥିଲେ ସେ ଏକ ଧନୁ ତାଙ୍କୁ ଉପହାର ସ୍ୱରୁପ ପ୍ରଦାନ କରିଥିଲେ । ହଜ୍‌ରତ୍ ଉବୈ ବିନ୍ କାଆବ୍ ତାଙ୍କୁ ନେଇ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ, ହଜୁର ତାହା ଦେଖି ତାଙ୍କୁ ପଚାରିଲେ, ଏହା କେଉଁଠୁ ପାଇଲ । ହଜ୍‌ରତ୍ ଉବୈ ବିନ୍ କାଆବ୍ କହିଲେ, ଜଣେ ଶିଷ୍ୟ ମତେ ଉପହାର ସ୍ୱରୁପ ଏହା ପ୍ରଦାନ କରିଛନ୍ତି । ହଜୁର ସ:ଆ:ସ କହିଲେ, ଏହାକୁ ସଙ୍ଗେ ସଙ୍ଗେ ଫେରସ୍ତ କରିଦିଅ ଏବଂ ଆସନ୍ତାରେ ଏଭଳି ଉପହାର କଦାପି ଗ୍ରହଣ କରିବନାହିଁ । ଏହିପରି ଆଉ ଜଣେ ଶିଷ୍ୟ ତାଙ୍କୁ ବସ୍ତ୍ର ଉପହାର ଦେଇଥିଲେ ସେତେବେଳେ ମଧ୍ୟ ତାଙ୍କୁ ସେହି ସମାନ କଥା ହଜୁର ସ:ଆ:ସ କହିଥିଲେ । ଏଥିଅନ୍ତେ ସେ କୋରାନ୍ ଶିଖାଇବା ପ୍ରତିବଦଳରେ କୌଣସି ଜିନିଷ କାହାଠାରୁ ସ୍ୱୀକାର କରୁନଥିଲେ । ସିରିୟାର ଲୋକେ ଯେତେବେଳେ ତାଙ୍କଠାରୁ କୋରାନ୍ ଶିଖୁଥିଲେ ଏବଂ ମଦିନାର ଲେଖାଳିମାନଙ୍କଠାରୁ କୋରାନ୍ ଲେଖାଉଥିଲେ । ତାହାର ପ୍ରତିବଦଳରେ ସିରିୟାବାସୀ ସେହି ଲୋକମାନଙ୍କୁ ନିଜ ସହିତ ଭୋଜନ କଲାବେଳେ ସାମିଲ କରିନେଉଥିଲେ କିନ୍ତୁ ହଜ୍‌ରତ୍ ଉବୈ ବିନ୍ କାଆବ୍ ତାଙ୍କ ନିମନ୍ତ୍ରଣକୁ ଥରେ ହେଲେ ମଧ୍ୟ ସ୍ୱୀକାର କଲେ ନାହିଁ । ହଜ୍‌ରତ୍ ଉମର ର:ଅ ଏକଦା ତାଙ୍କୁ ପଚାରିଲେ, ସିରିୟା ଦେଶର ଖାଇବା କିଭଳି ? ହଜ୍‌ରତ୍ ଉବୈ ବିନ୍ କାଆବ୍ ଉତର ଦେଲେ ମତେ ଜଣାନାହିଁ କାରଣ ମୁଁ ତାଙ୍କ ଖାଇବା ଖାଇନାହିଁ ମୁଁ ତ ନିଜର ଭୋଜନ ଖାଇଥାଏ । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୫୧-୧୫୨...... କରାଚି)***

ହଜ୍‌ରତ୍ ଉବୈ ବିନ୍ କାଆବ୍ ବଦର୍, ଓହଦ୍ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସାଥିରେ ସାମିଲ ଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୭୮........ ବେରୁତ ୨୦୧୭)***

ଓହଦ୍‌ରେ ଯୁଦ୍ଧରେ ଗୋଟିଏ ତୀର ତାଙ୍କ ଶୀରାରେ ଧସି ହୋଇଯାଇଥିଲା ଯେଉଁ ଶିରା ମୁଖ, ମୁଣ୍ଡ ଓ ପିଠି ତଥା ପାଦ ଆଦିରେ ରକ୍ତ ସଂଚାଳିତ କରିଥାଏ । ତାଙ୍କ ଚିକିତ୍ସା ନିମନ୍ତେ ହଜୁର ସ:ଆ:ସ ଜଣେ ବଇଦଙ୍କୁ ତାଙ୍କ ନିକଟକୁ ପ୍ରେରଣ କଲେ । ସେ ତାଙ୍କର ସେହି ଶିରାକୁ କାଟି ଦେଇଥିଲେ ଅବା ଦାଗି ଦେଇଥିଲେ ।

***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୪୧-୧୪୨...... କରାଚି)***

ଓହଦ୍ ଯୁଦ୍ଧର ଏକ ଘଟଣା ଯାହା ପୂର୍ବେ ଆଲୋଚନା ହୋଇସାରିଛି କିନ୍ତୁ ଏଠାରେ ସଂକ୍ଷିପ୍ତ ଭାବରେ ମୁଁ ଚର୍ଚ୍ଚା କରିଦେଉଛି । ଯୁଦ୍ଧ ପରେ ହଜୁର ସ:ଆ:ସ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କୁ କହିଲେ, ଯାଅ ଏବଂ ଆହତମାନଙ୍କୁ ଦେଖିଆସ ସୁତରାଂ ସେ ଆହତମାନଙ୍କୁ ଦେଖୁଦେଖୁ ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅଙ୍କ ନିକଟରେ ପହଂଚିଲେ ଯିଏ କି ଗମ୍ଭୀର ରୂପେ ଆହତ ହୋଇଥିଲେ ଏବଂ ନିଜର ଶେଷ ନିଶ୍ୱାଶ ତ୍ୟାଗ କରୁଥିଲେ । ହଜ୍‌ରତ୍ ଉବୈ ହଜ୍‌ରତ୍ ସାଆଦ୍‌ଙ୍କୁ କହିଲେ ଯଦି ଆପଣ ନିଜର ବନ୍ଧୁ ପରିଜନମାନଙ୍କୁ ଯଦି କୌଣସି ବାର୍ତା ଦେବାର ଅଛି ତାହେଲେ ମତେ କୁହନ୍ତୁ । ହଜ୍‌ରତ୍ ସାଆଦ୍ ସ୍ମିତହାସ୍ୟ ପ୍ରକାଶ କରି କହିଲେ, ଯେ ମୁଁ ଅପେକ୍ଷାରତ ଥିଲି ଯେ କୌଣସି ମୁସଲମାନ ଆସିବେ ଏବଂ ମୁଁ ତାଙ୍କୁ ନିଜର ବାର୍ତା ଦେବି । ପୁନଶ୍ଚ ସେ କହିବାକୁ ଲାଗିଲେ, ତୁମେ ନିଜର ହାତକୁ ମୋ ହାତରେ ରଖ ଏବଂ ପ୍ରତିଜ୍ଞା କର ଯେ ତୁମେ ମୋର ବାର୍ତାକୁ ନିଶ୍ଚିତରୂପେ ପହଂଚାଇଦେବ । ସୁତରାଂ ସେହି ବାର୍ତାଟି ହେଉଛି ଏହି କି ଯେ ମୋର ମୁସଲମାନ ଭାଇମାନଙ୍କୁ ମୋର ସଲାମ୍ ଜଣାଇବ ଏବଂ ମୋ ଗୋଷ୍ଠୀ ତଥା ମୋର ବନ୍ଧୁପରିଜନଙ୍କୁ କହିବ ଯେ, ହଜୁର ସ:ଆ:ସ ଆମମାନଙ୍କ ପାଇଁ ଅଲ୍ଲାଃ ତାଲାଙ୍କ ସର୍ବୋକୃଷ୍ଟ ଅମୁଲ୍ୟ ରତ୍ନ ଥିଲେ ଏବଂ ଆମେମାନେ ନିଜ ଜୀବନ ଅପେକ୍ଷା ସେହି ଅମୂଲ୍ୟ ସନ୍ତକର ରକ୍ଷା କରିଛୁ ବର୍ତମାନ ଆମେମାନେ ବାହୁଡ଼ି ଯାଉଛୁ ଏବଂ ଏହି ସନ୍ତକର ସୁରକ୍ଷା ଦାୟିତ୍ୱ ତୁମ ଉପରେ ନ୍ୟସ୍ତ କରୁଅଛୁ । ଏପରି ନ ହେଉ, ଯେ ତୁମେମାନେ ତାହାକୁ ସୁରକ୍ଷା ଦେବାରେ ଅବହେଳା ପ୍ରଦର୍ଶନ କରିବ ।

***(ତଫ୍‌ସିର୍ କବୀର୍ ଖଣ୍ଡ-୭, ପୃ-୩୩୮)***

୯ ହିଜ୍‌ରୀରେ ଯେତେବେଳେ ଯକାତ୍ ବାଧ୍ୟତାମୁଳକ ହେଲା ଏବଂ ହଜୁର ସ:ଆ:ସ ଦାନଦକ୍ଷିଣା ପାଇଁ ଆରବର ବିଭିନ୍ନ ପ୍ରାନ୍ତରେ ଆଦାୟକାରୀଙ୍କୁ ପ୍ରେରଣ କଲେ । ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କୁ ବନୁ ବଲଇ ସମ୍ପ୍ରଦାୟ, ବନୁ ଅଜର୍ ଓ ବନୁ ସାଆଦ୍ ସମ୍ପ୍ରଦାୟର ଦାନ ଆଦାରକାରୀ ରୂପେ ନିଯୁକ୍ତ କରିଥିଲେ । ଏକଦା ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ଏକ ବସ୍ତିକୁ ଗଲେ ସେଠାରେ ଜଣେ ବ୍ୟକ୍ତି ନିଜର ସମସ୍ତ ଗୃହପାଳିତ ପଶୁ ଆଣି ଉବୈଙ୍କ ସମ୍ମୁଖରେ ହାଜର କରିଦେଲେ କାରଣ ସେ ସେହି ଗୃହପାଳିତ ପଶୁମାନଙ୍କ ମଧ୍ୟରୁ ମନମୁତାବକ ଯେ କୌଣସି ପଶୁକୁ ଚୟନ କରି ଯକାତ୍ ରୂପେ ଗ୍ରହଣ କରିନେବେ । ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ଓଟମାନଙ୍କ ମଧ୍ୟରୁ ଅର୍ଥାତ ସେହି ଜୀବମାନଙ୍କ ମଧ୍ୟରୁ ଦୁଇବର୍ଷୀୟ ଓଟର ବାଛୁରୀ ବାଛିଲେ । ଏଥିରେ ଦାନ ଦେଉଥିବା ବ୍ୟକ୍ତି କହିଲା ଆଜ୍ଞା ଏହ ଛୋଟ ବାଛୁରୀ ଛୁଆକୁ ନେଲେ ଆପଣଙ୍କର କି ଲାଭ ହେବ ? ସେ ନାଁ ତ ଆପଣଙ୍କୁ କ୍ଷୀର ଦେବ ନାଁ ଆପଣ ତାହା ଉପରେ ଚଢ଼ି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରିବେ ? ତେଣୁ ଯଦି ତୁମେ ନେବାକୁ ଚାହୁଁଛ ତେବେ ଏହି ବଡ଼ ଯୁବ ହୃଷ୍ଟପୃଷ୍ଟ ଓଟଟିକୁ ନେଇନିଅ । ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ କହିଲେ, ଏହା କଦାପି ସମ୍ଭବ ହେବନାହିଁ କାରଣ ମୁଁ ହଜୁର ସ:ଆ:ସଙ୍କ ଆଦେଶର ବିରୁଦ୍ଧାଚରଣ କରିପାରିବି ନାହିଁ । ତାହା ଅପେକ୍ଷା ଏହା ଶ୍ରେୟସ୍କର ହେବ କି ତୁମେ ମୋ ସହିତ ଚାଲ ମଦିନା ଏଠୁ ବେଶି ଦୁର ନୁହେଁ । ଆମେମାନେ ହଜୁର ସ:ଆ:ସଙ୍କ ନିକଟକୁ ଯିବା ହଜୁର ସ:ଆ:ସ ଯାହା ଆଦେଶ ଦେବେ ଆମେମାନେ ତାହାର ପାଳନ କରିବା । ସୁତରାଂ ସେହି ବ୍ୟକ୍ତି ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କ ସାଥିରେ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇଥିଲେ ଏବଂ ସମସ୍ତ ଘଟଣାର ବୃତାନ୍ତ କରିଥିଲେ । ହଜୁର ସ:ଆ:ସ ଉକ୍ତ ବ୍ୟକ୍ତିକୁ କହିଲେ ଯେ ଯଦି ତୁମେ ବଡ଼ ଓଟ ଦେବାକୁ ଇଚ୍ଛୁକ ତାହେଲେ ତୁମେ ଦେଇଦିଅ ତାହାକୁ ଗ୍ରହଣ କରାଯିବ ଏବଂ ଅଲ୍ଲାଃ ତାଲା ଏହାର ପ୍ରତିଫଳ ତୁମକୁ ପ୍ରଦାନ କରିବେ । ସୁତରାଂ ଉକ୍ତ ବ୍ୟକ୍ତିଜଣକ ହଜୁର ସ:ଆ:ସଙ୍କ ସେବାରେ ନିଜର ସେହି ଓଟକୁ ଦେଇ ସେଠାରୁ ଫେରିଆସିଥିଲେ ।

ହଜ୍‌ରତ୍ ଅବୁବକର ର:ଅଙ୍କ ସମୟକାଳରେ ପବିତ୍ର କୋରାନ୍‌ର କ୍ରମସଜା ଓ ସଂକଳନ କାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟ ଲାଗି ସାହାବାମାନଙ୍କୁ ନିୟୋଜିତ କରାଯାଇଥିଲା । ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ସେହି ସାହାବାମାନଙ୍କର ନିରୀକ୍ଷକ ଥିଲେ । ସେ ପବିତ୍ର କୋରାନ୍‌ର ଶବ୍ଦଗୁଡ଼ିକୁ କହି ଚାଲୁଥିଲେ ଏବଂ ସାହାବାମାନେ ସେହି ଶବ୍ଦବଳୀକୁ ଲେଖି ଚାଲୁଥିଲେ । ଯଦିଓ ଏହି ଯମାତ୍ ଐଶ୍ୱରିକ ଜ୍ଞାନ ଉପରେ ଆଧାରିତ ହୋଇଥିଲା କିନ୍ତୁ ଯେତେବେଳେ କୌଣସି ଆୟତ ଉପରେ ପରିଚର୍ଚ୍ଚା ଅବା ବିର୍ତକ ହେଉଥିଲା ଉଦାହରଣ ସ୍ୱରୁପ ଯେତେବେଳେ ସୁରାଃ ତୌବା ଆୟତ ଉପରେ ବିର୍ତକ ହେଲା । **ସୁମ୍ମନ୍ ସରଫୁ ସରଫଲ୍ଲାହୁ କୁଲୁବହୁମ୍ ବିଅନ୍ନହୁମ୍ କୌମୁଲ୍ ଲା ୟଫ୍‌କହୁନ୍** ଲେଖାଯାଇଥିଲା ସେତେବେଳେ ଲୋକମାନେ କହିଲେ ଯେ, ଉକ୍ତ ଆୟତଟି ସର୍ବଶେଷରେ ଅବତୀର୍ଣ୍ଣ ହୋଇଥିଲା କିନ୍ତୁ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ କହିଲେ ନା, ହଜୁର ସ:ଆ:ସ ଏହାପରେ ମତେ ଦୁଇଟି ଆୟତ ପଢ଼ାଇଛନ୍ତି । ଏହା ଶେଷ ଆୟତ ନୁହେଁ ବରଂ ଉକ୍ତ ଆୟତଟି ଶେଷ ଦୁଇ ଆୟତ ପୂର୍ବର ଅଟେ । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୪୨..... କରାଚି)***

ହଜ୍‌ରତ୍ ଉମର୍ ର:ଅ ନିଜ ଖିଲାଫତ ଶାସନକାଳରେ ଶତାଧିକ ଉପାଦେୟ କଥା ଯୋଡ଼ିଥିଲେ । ତନ୍ମଧ୍ୟରୁ ମଜ୍‌ଲିସେ ସୁରାଃ ଅନ୍ୟତମ । ଇସ୍‌ଲାମ୍ ଧର୍ମରେ ମଜ୍‌ଲିସେ ସୁରାଃ ହଜ୍‌ରତ୍ ଉମର୍ ର:ଅଙ୍କ ଦ୍ୱାରା ସ୍ଥାପନ ହୋଇଥିଲା । ଏହି ଗୋଷ୍ଠୀଟି ଅନ୍‌ସାର ଓ ହିଜ୍‌ରତ୍‌କାରୀଙ୍କ ବଡ଼ ବଡ଼ ଅଧିକାରୀଙ୍କ ଦ୍ୱାରା ବିଭକ୍ତ ହୋଇଥିଲା ତନ୍ମଧ୍ୟରେ ଖଜ୍‌ରଜ୍ ସମ୍ପ୍ରଦାୟଆଡୁ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ସଦସ୍ୟ ଥିଲେ ।

***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୪୨-୧୪୩..... କରାଚି)***

ଜଣେ ବ୍ୟକ୍ତି ଯାହାଙ୍କ ନାମ ଜାବିର୍ ବା ଯୁବୈର୍ ଥିଲା ସେ ବର୍ଣ୍ଣନା କରନ୍ତି ଯେ ମୁଁ ହଜ୍‌ରତ୍ ଉମର ର:ଅଙ୍କ ଶାସନକାଳରେ ନିଜର କୌଣସି କାମ ପାଇଁ ତାଙ୍କ ନିକଟରେ ଫେରାଦ କଲି, ହଜ୍‌ରତ୍ ଉମର ର:ଅଙ୍କ ନିକଟରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିଲେ ଯାହାର କେଶ ଓ ବର୍ଣ୍ଣ ଧବଳ ଥିଲା । ସେ କହିଲେ ନିଃସନ୍ଦେହରେ ଇହକାଳରେ ଆମପାଇଁ ନିଜର ଲକ୍ଷ୍ୟସ୍ଥଳରେ ପହଂଚିବାପାଇଁ ମାଧ୍ୟମ ଓ ପରକାଳ ପାଇଁ ପରିଣାମର ବସ୍ତୁ ମହ୍‌ଜୁଦ ବା ଗଛିତ ରହିଛି ଏବଂ ତହିଁରେ ଆମମାନଙ୍କ ସେହି କର୍ମ ମଧ୍ୟ ରହିଛି ଯାହାର ଫଳ ଆମମାନଙ୍କୁ ପରକାଳରେ ପ୍ରାପ୍ତ ହେବ । ଜାବିର ର:ଅ କୁହନ୍ତି ମୁଁ ପ୍ରଶ୍ନ କଲି ଯେ ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ କିଏ ? ହଜ୍‌ରତ ଉମର ର:ଅ ଉତର ଦେଲେ, ସେ ହେଉଛନ୍ତି ମୁସଲମାନମାନଙ୍କର ଅଧିପତି ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ।

***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୩୭୮-୩୭୯..... ବେରୁତ ୨୦୧୭)***

ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବ୍‌ଦେ କାରୀ ବର୍ଣ୍ଣନା କରନ୍ତି ଯେ ମୁଁ ରମ୍‌ଜାନ ମାସର ଏକ ରାତ୍ର ସମୟରେ ହଜ୍‌ରତ୍ ଉମର ବିନ୍ ଖତାବ୍ ର:ଅଙ୍କ ସହିତ ମସ୍‌ଜିଦ୍ ଅଭିମୁଖେ ବାହାରିଲି । ସେତେବେଳେ ମୁଁ କଣ ଅବଲୋକନ କଲି କି ଲୋକମାନେ ପୃଥକ ପୃଥକ ଗୋଷ୍ଠିରେ ବିଭକ୍ତ ହୋଇଛନ୍ତି । ଜଣେ ବ୍ୟକ୍ତି ଏକୁଟିଆ ହୋଇ ନମାଜ ପଢୁଛି ଏବଂ ତାଙ୍କୁ ଅନୁସରଣ କରି ଅନ୍ୟ କେତେକ ଲୋକ ନମାଜ ପଢୁଛନ୍ତି । ତେବେ ହଜ୍‌ରତ୍ ଉମର୍ ର:ଅ କହିଲେ ମୁଁ ଭାବୁଛି ଯେ ଯଦି ସେମାନଙ୍କୁ ଗୋଟିଏ କାରି ଅଧିନରେ ଏକତ୍ରିତ କରିଦିଆଯାଏ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

***ତାଲିବେ ଦୁଆ: Abdul Chand & Family,***
***Jamat Ahmadiyya, Kerang (Odisha)***

ତାହହେଲ ଖୁବ୍ ଭଲ ହେବ । ସୁତରାଂ ହଜ୍‌ରତ୍ ଉମର୍ ର:ଅ ଦୃଢ଼ ସଂକଳ୍ପ ନେଲେ ଏବଂ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କ ଅଧିନରେ ସେମାନଙ୍କୁ ଏକତ୍ରିତ କରିଦେଲେ । ***(ସହି ବୁଖାରୀ..... ହଦିସ୍ ନଂ-୨୦୧୦)*** ଅର୍ଥାତ ସେହି ଲୋକମାନେ ସେଠି ରାତିରେ ନଫିଲ୍ ନମାଜ ପଢୁଥିବେ ।

ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ସେହି ଗୁରୁଜନମାନଙ୍କ ମଧ୍ୟରୁ ଜଣେ ଅଟନ୍ତି ଯିଏ ହଜୁର ସ:ଆ:ସଙ୍କଠାରୁ ଆହାଦିସ୍‌ର ବୃହତାଂଶ ଶୁଣିଥିଲେ । ଏହି କାରଣରୁ ଅନେକ ସାହାବାମାନେ ଦରସେ ହଦିସ୍ ଅର୍ଥାତ ହଦିସ୍‌ର ଉପଦେଶ ସଭାରେ ତାଙ୍କର ଶିଶତ୍ୱ ଗ୍ରହଣ କରିନେଇଥିଲେ । ସୁତରାଂ ତାଙ୍କ ସାଥିରେ ତାବେଇନ୍‌ମାନଙ୍କ ଠାରୁ ଅଧିକାଂଶ ସାହାବାଙ୍କର ଭିଡ଼ ଜମୁଥିଲା । ସାହାବାମାନେ ମଧ୍ୟ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କଠାରୁ ହଦିସ୍ ଶୁଣୁଥିଲେ । ହଜରତ୍ ଉମର୍ ବିନ୍ ଖତାବ୍ ର:. ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ, ହଜ୍‌ରତ୍ ଉବାଦା ବିନ୍ ସାମିତ୍, ହଜ୍‌ରତ୍ ଅବୁ ହୁରୈରା ର:ଅ, ହଜ୍‌ରତ୍ ଅବୁ ମୁସା ଅଶଅରି, ହଜ୍‌ରତ୍ ଅନସ୍ ବିନ୍ ମାଲିକ,ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଅବାସ୍, ହଜ୍‌ରତ୍ ସହଲ୍ ବିନ୍ ସାଆଦ୍, ହଜ୍‌ରତ୍ ଜୁଲ୍‌ମାନ୍ ବିନ୍ ସରଦ ର:ଅ ଆଦିଙ୍କ ପରି ସାହାବାମାନେ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କଠାରୁ ହଦିସ୍ ଜ୍ଞାନରୁ ଉପକୃତ ହୋଇଥିଲେ । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୫୩...... କରାଚି)***

ହଜ୍‌ରତ୍ କୈସ୍ ବିନ୍ ଉବାଦା ମଦିନାର ସାହାବାଙ୍କୁ ସାକ୍ଷାତ କରିବାକୁ ଆସିଲେ ସେ ବର୍ଣ୍ଣନା କରନ୍ତି ଯେ, ମୁଁ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କଠାରୁ ବଳି ଅନ୍ୟ କୌଣସି ବ୍ୟକ୍ତି ପାଇନାହିଁ । ନମାଜ ସମୟ ଥିଲା, ଲୋକମାନେ ଏକତ୍ରିତ ହେଉଥିଲେ ଏବଂ ହଜ୍‌ରତ୍ ଉମର ର:ଅ ମଧ୍ୟ ବିରାଜମାନ ଥିଲେ, ସେ କୌଣସି ବିଷୟରେ ଶିକ୍ଷା ଦେବାଲାଗି ଉପଯୁକ୍ତ ମଣୁଥିଲେ, ଯେତେବେଳେ ନମାଜ ଶେଷ ହେଲା ସେତେବେଳେ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ଉଠିଲେ ଏବଂ ହଜୁର ସ:ଆ:ସଙ୍କ ହଦିସ୍ ଲୋକମାନଙ୍କୁ ଶୁଣାଇଲେ । ଲୋକମାନଙ୍କର ଜିଜ୍ଞାସାର ଏପରି ଅବସ୍ଥା ଥିଲା କି ସେହି ସମସ୍ତ ଲୋକମାନେ ଏକାଗ୍ରତାର ସହିତ ତାଙ୍କ କଥାପ୍ରତି ମନ ନିବେଶ କରୁଥିଲେ । ସୁତରାଂ ହଜ୍‌ରତ୍ କୈସ୍ ର:ଅଙ୍କ ଉପରେ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ଏହି ଉପଦେଶ ତଥା ତାଙ୍କ ମର୍ଯ୍ୟାଦାର ଗଭୀର ପ୍ରଭାବ ପଡ଼ିଥିଲା । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୫୪...... କରାଚି)***

ହଜ୍‌ରତ୍ ଉମର ର:ଅଙ୍କ ନିକଟରେ ଜଣେ ମହିଳା ଆସି କହିଲେ ମୋର ସ୍ୱାମୀଙ୍କ ବିୟୋଗ ହୋଇଛି ମୁଁ ଗର୍ଭବତୀ ଅଛି ଅର୍ଥାତ ଯେତେବେଳେ ମୋ ସ୍ୱାମୀ ଦେହାନ୍ତ ହେଲେ, ତାଙ୍କର ନିଧନ ହେଲା ସେତେବେଳେ ମୁଁ ଗର୍ଭବତୀ ଥିଲି କିନ୍ତୁ ବର୍ତ୍ତମାନ ଏକ ସନ୍ତାନକୁ ଜନ୍ମ ଦେଇଛି । କିନ୍ତୁ ଇଦତ୍‌ର ସମୟ ବର୍ତ୍ତମାନ ସୁଦ୍ଧା ପୁରିନାହିଁ ଅର୍ଥାତ ନିଜ ସ୍ୱାମୀର ବିୟୋଗ ପରେ ବିଧବା ମହିଳାମାନେ ଯେଉଁ ଚାରିମାସ ଦଶ ଦିନ କାଳର ଏକାନ୍ତ ବାସରେ ଅତିବାହିତ କରିଥାନ୍ତି ତାହା ପୁରି ନାହିଁ ମୁଁ କିନ୍ତୁ ସେ ସମୟରେ ଗର୍ଭବତି ଥିଲି ଓ ଇଦତ୍ ପୂର୍ବରୁ ମୋର ପ୍ରଶବ ହୋଇସାରିଛି ତେଣୁ ଏ ପରିପ୍ରେକ୍ଷୀରେ ଆପଣଙ୍କର କଣ ମତାମତ ରହିଛି ? ମୁଁ ବର୍ତ୍ତମାନ ଇଦତ୍ ପାଳନ କରିବି ଅବା ନାହିଁ ? ହଜରତ ଉମର ର:ଅ ବର୍ଣ୍ଣନା କଲେ ଯେ ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ତୁମେ ଇଦତ୍ ପାଳନ କର । ସୁତରାଂ ସେ ହଜରତ ଉବେ ବିନ୍ କାଆବଙ୍କ ନିକଟକୁ ଆସିଲେ ଏ ସଂକ୍ରାନ୍ତରେ ତାଙ୍କର ମତାମତ ଲୋଡ଼ିଲେ । ହଜରତ ଉମର ର:ଅଙ୍କ ପ୍ରଦତ ଉତର ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ଶୁଣିଲେ ଏବଂ ଏଥିରେ ସେ କହିଲେ, ଯାଅ ହଜ୍‌ରତ୍ ଉମର ର:ଅଙ୍କୁ ଯାଇ କୁହ ଯେ, ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ କହିଛନ୍ତି ଯେ, ତୁମର ବର୍ତ୍ତମାନ ଇଦତ୍ ପାଳନ କରିବା ଆବଶ୍ୟକ ନାହିଁ । ବର୍ତ୍ତମାନ ତୁମେ ହଲାଲ୍ ଯୋଗ୍ୟ ହୋଇଯାଇଛ ଆଉ ଇଦତ୍ ପାଳନ କରିବାର ଆବଶ୍ୟକ ନାହିଁ । ସେ ଯଦି ମୋ ବିଷୟରେ ପଚାରନ୍ତି ତାହେଲେ ତୁମେ ତାଙ୍କୁ କହିବ ମୁଁ ଏଇଠି ବସିଛି ମତେ ଆସି ଡ଼ାକିଦେବ ମୁଁ ତାଙ୍କ ସହ ସାକ୍ଷାତ କରିନେବି । ସେହି ମହିଳା ହଜରତ ଉମର ର:ଅଙ୍କ ନିକଟକୁ ଗଲେ ଏବଂ ହଜ୍‌ରତ୍ ଉମର ର:ଅ ତାଙ୍କୁ କହିଲେ ଯେ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କୁ ଡ଼ାକିଆଣ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ଆସିଲେ । ହଜ୍‌ରତ ଉମର ର:ଅ ପଚାରିଲେ କଣ ଆପଣ ଉକ୍ତ ମହିଳାଙ୍କୁ ଏପରି କଥା କହିଛନ୍ତି ତେବେ ତାହାର ପ୍ରମାଣ କଣ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ଉତର ଦେଲେ କୁରାନ୍‌ରୁ ମୁଁ ଏହି ପ୍ରମାଣ ଦେଉଛି, କୋରାନ୍‌ରେ ଏହି ପଂକ୍ତି ଦରଜ ରହିଛି, **ଓ୍ୱ ଉଲାତୁଲ୍ ଅହ୍‌ମାରି ଅଜଲୁହୁନ୍ନା ଅଇଁ ୟଜଅନା ହମ୍‌ଲହୁନ୍ନ** ଅର୍ଥାତ ଯେଉଁ ମହିଳାମାନେ ଗର୍ଭବତୀ ଥାଆନ୍ତି, ସେମାନଙ୍କର ଇଦତ୍ ପ୍ରସବ ପର୍ଯ୍ୟନ୍ତ ହେବ । ଏହାପରେ ସେ କହିଲେ ଏବଂ ଯେଉଁ ନାରୀ ବିଧବା ହୋଇଯାଏ ସେ ମଧ୍ୟ ଏହି ପର୍ଯ୍ୟାୟଭୁକ୍ତ ହେବ ଏବଂ ଏ ସମ୍ବନ୍ଧରେ ମୁଁ ମଧ୍ୟ ହଜୁର ସ:ଆ:ସଙ୍କଠାରୁ ଏହି ହଦିସ୍ ଶୁଣିଅଛି । ହଜ୍‌ରତ୍ ଉମର୍ ର:ଅ ଉକ୍ତ ମହିଳାକୁ କହିଲେ ଯେ, ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ଯାହା କହୁଛନ୍ତି ତାହା ଶୁଣିନିଅ ଅର୍ଥାତ ଅନୁସରଣ କର ତାହାର ପାଳନ କର ତାହା ସଠିକ୍ ଅଟେ ।

ରସୁଲେ କରିମ୍ ସ:ଆ:ସଙ୍କ ଚଚା ହଜ୍‌ରତ୍ ଅବ୍‌ବାସ ର:ଅଙ୍କ ଘର ମସ୍‌ଜିଦ୍ ନବ୍ୱି ସହିତ ସଲଗ୍ନ ଥିଲା । ଯେତେବେଳେ ହଜ୍‌ରତ୍ ଉମର ର:ଅ ମସ୍‌ଜିଦ୍‌କୁ ପ୍ରଶସ୍ତିକରଣ କରିବାକୁ ଇଛା ପ୍ରକାଶ କଲେ ସେତେବେଳେ ହଜ୍‌ରତ୍ ଅବ୍‌ବାସ ର:ଅଙ୍କୁ କହିଲେ ଆପଣ ନିଜର ଘର ବିକ୍ରି କରିଦିଅନ୍ତୁ ମୁଁ ତାହାକୁ ମସ୍‌ଜିଦ୍ ସହିତ ମିଶାଇ ଦେବି । ହଜ୍‌ରତ ଅବ୍‌ବାସ କହିଲେ ତାହା ହୋଇପାରିବ ନାହିଁ । ହଜରତ ଉମର ର:ଅ କହିଲେ ଆଚ୍ଛା ତାହେଲେ ତାହାର ମୂଲ୍ୟ ନେଇନିଅନ୍ତୁ କିନ୍ତୁ ସେଥିରେ ମଧ୍ୟ ସେ ରାଜି ହେଲେ ନାହିଁ । କାରଣ ସେ ନିଜ ମନର ମାଲିକ ଥିଲେ । ହଜରତ ଉମର ର:ଅ କହିଲେ, ତାହେଲେ ଆପଣ ନିଜ ଆଡୁ ମସ୍‌ଜିଦ୍‌କୁ ପ୍ରଶସ୍ତ କରିଦିଅନ୍ତୁ । ଏହା ଉମତ୍ ପାଇଁ ଉତମ ହେବ । ହଜ୍‌ରତ୍ ଅବ୍‌ବାସ କହିଲେ, ତାହା ମଧ୍ୟ ହୋଇପାରିବେ ନାହିଁ ଅର୍ଥାତ ସେ ଏଥିରେ ଅରାଜି ହେଲେ । ହଜ୍‌ରତ୍ ଉମର ର:ଅ କହିଲେ ଉପରୋକ୍ତ ତିନୋଟି କଥାରୁ ଆପଣଙ୍କୁ କୌଣସି କଥାକୁ ସ୍ୱୀକାର କଲେନାହିଁ । ହଜ୍‌ରତ୍ ଅବ୍‌ବାସ କହିଲେ ମୁଁ ଏହି ତିନୋଟି କଥାରୁ ଗୋଟିଏ ହେଲେ କଥା ମଧ୍ୟ ସ୍ୱୀକାର କରିବିନାହିଁ । ପରିଶେଷରେ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କ ନିକଟକୁ ବିଚାର ନିମନ୍ତେ ଗଲେ, ତାଙ୍କ ନିକଟରେ ଯେତେବେଳେ ଏହି ଘଟଣାର ଚର୍ଚ୍ଚା ହେଲେ ସେତେବେଳେ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ହଜରତ ଉମର ର:ଅଙ୍କୁ କହିଲେ, ତାଙ୍କର ବିନା ଅନୁମତିରେ ତାଙ୍କ ଜିନିଷ ଉପରେ ଅଧିକାର କରିବାର କୌଣସି ଅଧିକାର ନାହିଁ । ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ କହିଲେ ତାଙ୍କର ଘର ଆପଣ ନେଇପାରିବେ ନାହିଁ । ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କୁ ପଚାରିଲେ ଯେ, ଆପଣ ଏ ସଂକ୍ରାନ୍ତରେ କୋରାନ୍ ଅନୁଯାୟୀ କିମ୍ବା ହଦିସ୍ ଅନୁଯାୟୀ କୌଣସି ଆଦେଶ ବାହାର କରିଦିଅନ୍ତୁ । ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ କହିଲେ କି ହଦିସ୍ ଅନୁଯାୟୀ ହଜ୍‌ରତ୍ ସୁଲେମାନ୍ ଆ:ସ ଯେତେବେଳେ ବଇତୁଲ୍ ମୁକଦସ୍‌ର ଭବନ ନିର୍ମାଣ କଲେ, ସେତେବେଳେ ତାହାର ଏକ କାନ୍ଥ ଅନ୍ୟଜମିରେ ଭୁଷୁଡ଼ି ପଡ଼ିଲା । ହଜ୍‌ରତ୍ ସୁଲେମାନ୍ ର:ଅଙ୍କ ଉପରେ ଐଶିବାଣୀ ଅବତୀର୍ଣ୍ଣ ହେଲା କି ସେହି ଲୋକଠାରୁ ଅନୁମତି ନେଇ ଭବନ ନିର୍ମାଣ କର । ହଜ୍‌ରତ୍ ଉମର ର:ଅହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କ ଏହି କଥାକୁ ଶୁଣି ନୀରବ ହୋଇଗଲେ । କିନ୍ତୁ ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଅବ୍‌ବାସ ର:ଅଙ୍କର ଖିଲାଫତ ପ୍ରତି ନିଷ୍ଠା ଓ ବିଶ୍ୱସ୍ତତା ମଧ୍ୟ ବହୁତ ଅଧିକ ଥିଲା । କିନ୍ତୁ ସେ ଯାହା ହେଉନା କାହିଁକି ତାଙ୍କଠାରେ ଧର୍ମ ନିଷ୍ଠତା ଓ ପୂଣ୍ୟତା ଭରି ରହିଥିଲା ଏବଂ ଧର୍ମ ପାଇଁ ସ୍ୱାଭିମାନ ମଧ୍ୟ ରହିଥିଲା । ଖିଲାଫତ ପାଇଁ ମଧ୍ୟ ସମ୍ମାନ ଓ ମର୍ଯ୍ୟାଦା ରହିଥିଲା । ଯାହାକି ପ୍ରକାଶ୍ୟ ହେଉଥିଲା । ପରେ ସେ ହଜରତ ଉମର ର:ଅଙ୍କୁ କହିଲେ ଠିକ୍ ଅଛି ଏବଂ ନିରବ ହୋଇଗଲେ, ଯେତେବେଳେ ହଜ୍‌ରତ୍ ଉମର ର:ଅ ନିରବ ହୋଇଗଲେ ସେତେବେଳେ ଅବ୍‌ବାସ ର:ଅ ଉମରଙ୍କୁ କହିଲେ ଆଚ୍ଛା ତାହେଲେ ମୁଁ ନିଜର ଘରକୁ ମସ୍‌ଜିଦ୍‌ରେ ଅନ୍ତର୍ଭୁକ୍ତ କରିଦେଉଛି । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୫୫...... କରାଚି)***

ଏକଦା ଉମର୍ ର:ଅ ଏହି ଇଚ୍ଛା ବ୍ୟକ୍ତ କରିଥିଲେ କି ସେ ଲୋକମାନଙ୍କୁ ହଜେ ତମ୍‌ତୁ କହିବାରୁ ଅଟକାଇ ଦେବେ । ହଜେ ତମ୍‌ତଉ ତିନି ପ୍ରକାର ହୋଇଥାଏ । ବୋଧ ହୁଏ ହଜେ ତମ୍‌ତଉ ବିଷୟରେ ଯୁବକମାନଙ୍କୁ ଜଣାନଥିବ । ହଜ୍ ତମ୍‌ତଉ କହିଲେ ଏହା ବୁଝାଏ ଯେ, ହଜ୍‌କାରୀ ଉମ୍‌ରାର ଏହ୍‌ରାମ୍ (ବିଶେଷ ବସ୍ତ୍ର) ବାନ୍ଧି ମକ୍କା ପହଂଚି ପ୍ରଥମେ ଉମ୍‌ରା କରନ୍ତି ଓ ପରେ ଏହ୍‌ରାମ୍‌କୁ ଖୋଲିଦିଅନ୍ତି ପୁଣି ଆଠ ଜୁଲ୍‌ହଜା ଦିନ ନୂତନ ଏହ୍‌ରାମ୍ ବାନ୍ଧି ହଜ୍ କରିଥାନ୍ତି ଏହାକୁ ହଜେ ତମ୍‌ତଉ କୁହାଯାଏ ଏବଂ ସାଧାରଣ ହଜ୍ କହିଲେ, ହଜ୍ଜେ ମୁଫରଦ୍ ଯେଉଁଥିରେ କେବଳ ହଜ୍ ପାଇଁ ଏହ୍‌ରାମ୍ ବାନ୍ଧି ହଜ୍ ସମ୍ପର୍ଣ୍ଣ କରାଯାଇଥାଏ । ଯାହା ସାମୁହିକ ହୋଇଥାଏ ଏବଂ କୋରାନ୍‌ରେ ମଧ୍ୟ ଏହା ଉଲ୍ଲେଖ ରହିଛି ଯେ ଉମ୍‌ରା ଓ ହଜ୍ ଗୋଟିଏ ଏହ୍‌ରାମ୍‌ରେ ହିଁ ହୋଇଥାଏ । ସେ ଯାହା ହେଉନା କାହିଁକି ହଜ୍‌ରତ୍ ଉମର୍ ର:ଅ ହଜ୍ଜେ ତମତଉକୁ ଅଟକାଇଲେ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ କହିଲେ ଯେ, ଆପଣଙ୍କୁ ତୀର୍ଥଯାତ୍ରୀଙ୍କୁ ଅଟକାଇବାର କୌଣସି ଅଧିକାର ନାହିଁ । ଉମର ର:ଅ ପୁନଶ୍ଚ ତାହାଙ୍କୁ ଅଟକାଇବାକୁ ପାଇଁ ଚେଷ୍ଟା କଲେ, ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ପୁନଶ୍ଚ ତାଙ୍କୁ କହିଲେ ଯେ ଏହା ହୋଇପାରିବ ନାହିଁ ଆପଣ ଏପରି କରିବା ଅନୁଚିତ । ସେ ଯାହା ହେଉନା କାହିଁକି ହଜ୍‌ରତ୍ ଉମର୍ ର:ଅ ଏପରି ଆଉ କଲେ ନାହିଁ । କିନ୍ତୁ ହଜ୍‌ରତ୍ ଉମର ର:ଅ ଚେଷ୍ଟା କରିଥିଲେ । କୁଫାରୁ ତିନି ମାଇଲ୍ ଦୂରତାରେ ନଯଦ୍‌ର ଅଂଚଳରେ ଏକ ସହର ଅବସ୍ଥିତ ଯାହାର ନାମ ହେଉଛି ହିରା, ସେଠିକାର ବସ୍ତ୍ର ପିନ୍ଧିବାକୁ ମନା କରିବାକୁ ଉମର ର:ଅ ଚେଷ୍ଟା କଲେ, କାରଣ ଏଭଳି ଅବସ୍ଥାରେ ପରିଶ୍ରାର ମିଶ୍ରଣ ହେବାର ସମ୍ଭାବନା ଥାଏ । ସେହି ରଙ୍ଗ କାଟିବାପାଇଁ କୌଣସି ଜୀବର ପରିଶ୍ରା ସାମିଲ କରାଯାଇଥାଏ । ସେ ଯାହା ହେଉ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ କହିଲେ, ଆପଣଙ୍କ ଏଥିପାଇଁ ମଧ୍ୟ ଅନୁମତି ନାହିଁ କାରଣ ସେ ନିଜେ କୁହନ୍ତି ଯେ ରସୁଲେ କରିମ ସ:ଆ:ସ ଏହି ଧରଣର ବସ୍ତ୍ରକୁ ପିନ୍ଧିଥିଲେ ଏବଂ ସେଠାରେ ହଳେ ବସ୍ତ୍ରକୁ ପିନ୍ଧିଛନ୍ତି ଏବଂ ଆମେମାନେ ମଧ୍ୟ ହଜୁର ସ:ଆ:ସଙ୍କ କାଳରେ ପିନ୍ଧିଛୁ ଏବଂ କେବେ ଏ ପ୍ରସଙ୍ଗରେ କୌଣସି ଆପତି ହୋଇନାହିଁ । ଏହା ଶୁଣି ହଜ୍‌ରତ୍ ଉମର୍ ର:ଅ ନୀରବ ହୋଇଗଲେ ସେ କହିଲେ ଠିକ୍ ଅଛି ଆପଣ ଠିକ୍ କହୁଛନ୍ତି । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୫୬...... କରାଚି) (ମୁଅଜମୁଲ୍ ବୁଲ୍‌ଦାନ୍..... ଖଣ୍ଡ-୨, ପୃ-୩୨୮)***

ଏକଦା ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ ସମୟ କାଳରେ ହଜ୍‌ରତ୍ ଉବେ

ବିନ୍ କାଆବ୍ ର:ଅ ମଧ୍ୟରେ ଏକ ଉଦ୍ୟାନକୁ ନେଇ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା । ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ କାନ୍ଦିବାକୁ ଲାଗିଲେ ଓ କହିଲେ ଆପଣଙ୍କ ସୁଶାସନରେ ଏଭଳି ପ୍ରଥା ସୃଷ୍ଟି ହେଉଅଛି । ହଜ୍‌ରତ୍ ଉମର ର:ଅ କହିଲେ ମୋର ଏହି ଉଦ୍ଦେଶ୍ୟ ନଥିଲା ଆପଣ ଯେଉଁ ମୁସଲମାନ ସହିତ ବିଚାର କରିବାକୁ ଚାହୁଁଛନ୍ତି କରାଇନିଅନ୍ତୁ ମୋର ଆପଣଙ୍କ ମଧ୍ୟରେ ମତପାର୍ଥକ୍ୟ ତ ଅବଶ୍ୟ ରହିଛି ମୁଁ ଆପଣଙ୍କୁ ଆଦେଶ ଦେଉନାହିଁ ଆପଣ ଯାହାକୁ ଚାହୁଁଛନ୍ତି ଛିଡ଼ା କରନ୍ତୁ ଓ ବିଚାର କରିନିଅନ୍ତୁ କାରଣ ମୁଁ ଭାବୁଛି ଯେ ମୋର ପରାମର୍ଶ ତ ସଠିକ୍ ଅଟେ ତେବେ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ଜୈଦ୍ ବିନ୍ ସାବିତ୍ ର:ଅଙ୍କ ନାମ ନେଇଥିଲେ ଓ ତାଙ୍କ ଦ୍ୱାରା ନ୍ୟାୟ କରାଇଥିଲେ । ହଜ୍‌ରତ୍ ଉମର୍ ର:ଅ ଏଥିରେ ରାଜି ହୋଇଥିଲେ ହଜ୍‌ରତ୍ ଜୈଦ୍ ର:ଅଙ୍କ ଆଗରେ ମୋକଦ୍ଦମା ଆଗତ ହୋଇଥିଲା ହଜ୍‌ରତ୍ ଉମର୍ ଇସ୍‌ଲାମ୍‌ର ଖଲିଫା ଥିଲେ ଏବଂ ଜଣେ ପକ୍ଷ ହିସାବରେ ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅଙ୍କ ସଭାରେ ଉପସ୍ଥିତ ହୋଇଥିଲେ । ହଜ୍‌ରତ୍ ଉମର ର:ଅଙ୍କୁ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କ ଦାବିରୁ ଅରାଜି ଥିଲେ । ହଜ୍‌ରତ ଉମର ର:ଅ କହିଲେ ଯେ ଆପଣ ଭୁଲିଯାଉଛନ୍ତି ଯେ ଆପଣ ମନେ ପକାନ୍ତୁ । ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ କିଛି କ୍ଷଣ ଚିନ୍ତା କଲେ ଓ ପୁନଶ୍ଚ କହିଲେ ମତେ କିଛି ସ୍ମରଣ ହେଉନାହିଁ । ତେବେ ହଜ୍‌ରତ୍ ଉମର୍ ର:ଅ ଘଟଣା ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ ଯେ ଘଟଣାଟି ଏମିତି ଘଟିଥିଲା । ହଜ୍‌ରତ୍ ଜୈଦ୍ ର:ଅ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କୁ ପ୍ରଶ୍ନ କଲେ କି ଆପଣଙ୍କ ନିକଟରେ କଣ ପ୍ରମାଣ ରହିଛି ଯାହା ଆପଣ ନିଜର ଦାବି ସପକ୍ଷରେ ଉପସ୍ଥାପନ କରିବେ ? ସେ କହିଲେ ମୋ ପକ୍ଷରେ କହିବାକୁ କିଛିନାହିଁ ନା ମୋ ପାଖରେ କୌଣସି ପ୍ରମାଣ ରହିଛି । ତେବେ ମୋ ପାଖରେ ବର୍ତମାନ ପ୍ରମାଣ ତ କିଛି ନାହିଁ ଆପଣ ଅମୀରୁଲ୍ ମୁମିନିନଙ୍କଠାରୁ ହଲବ ନିଅନ୍ତୁ ନାହିଁ । ହଜ୍‌ରତ୍ ଉମର ର:ଅ କହିଲେ ମୋପାଇଁ ଯଦି ରାଣ ଖାଇବା ଅର୍ଥାତ ହଲବ ନେବା ବାଧ ତେବେ ମୋତେ ଏଥିରେ କୌଣସି ସନ୍ଦେହ ନାହିଁ । ସେ ଯାହା ହେଉ ନା କାହିଁକି ଏହାପରେ ଯାହା କିଛି ବି ଥିଲା ସେହି ବିଚାରଟି ସମାଧାନ ହୋଇଗଲା । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୪୫-୧୪୬...... କରାଚି)***

ହଜ୍‌ରତ୍ ଉସ୍‌ମାନ ବିନ୍ ଅଫାନ୍ କୋରାନ୍ ଏକତ୍ରିତ କରିବାରେ କୁରୈଶ୍ ଓ ଅନ୍‌ସାର୍‌ର ବାରଜଣ ଲୋକମାନଙ୍କୁ ମନୋନୀତ କରିଥିଲେ । ଯେଉଁଥିରେ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ଓ ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅ ସାମିଲ ଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୮୧............ ବେରୁତ ୨୦୧୭)***

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ କାଳରେ କୁର୍‌ଆନ୍ କରିମ୍‌ର ଭାଷାଗତ ଉଚ୍ଚାରଣ ଶୈଳୀ ନେଇ ସମଗ୍ର ଦେଶରେ ମତପାର୍ଥକ୍ୟ ଦେଖା ଦେଇଥିଲା । ଏହି କାରଣରୁ ସେ ଉକ୍ତ ମତପାର୍ଥକ୍ୟର ମୁଳପ୍ରାଟନ କରିବାକୁ ଚେଷ୍ଟା କରିଥିଲେ ଏବଂ ସ୍ୱୟମଂ କିରାତ୍ (ପଢ଼ିବା ଶୈଳୀ) ଜାଣିଥିବା ସାହାବାମାନଙ୍କୁ ଡ଼କାଇ ପଠାଇଲେ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ପୃଥକ ପୃଥକ ଭାବରେ କିରତ୍ ଶୁଣିଥିଲେ । ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ଓ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ଆଦି ସମସ୍ତଙ୍କ ପଠନ ଶୈଳୀରେ ମତଭେଦ ଦୃଶ୍ୟମାନ ହେଉଥିଲା । ହଜ୍‌ରତ୍ ଉସ୍‌ମାନ ର:ଅ ଏହା ଦେଖି କହିଲେ ଯେ ମୁଁ ସମସ୍ତ ମୁସଲମାନମାନଙ୍କଠାରୁ କୋରାନ୍‌ର ଗୋଟିଏ କିରତ୍ ଏକତ୍ରିତ କରିବାକୁ ଚାହୁଁଛି । କୁରୈଶ୍ ଓ ଅନ୍‌ସାରମାନଙ୍କ ମଧ୍ୟରୁ ୧ ୨ ଜଣ ବ୍ୟକ୍ତି ଥିଲେ ଯେଉଁମାନଙ୍କୁ କୁର୍‌ଆନ୍ କରିମ୍ ଉପରେ ସମ୍ପୁର୍ଣ୍ଣ ଅଭିଜ୍ଞତା ରହିଥିଲା । ହଜ୍‌ରତ୍ ଉସ୍‌ମାନ ର:ଅ ସେମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରିଥିଲେ ଏବଂ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କୁ ଉକ୍ତ ମଜ୍‌ଲିସ୍‌ର ସଭାପତି ଭାବରେ ନିଯୁକ୍ତ କରିଥିଲେ । ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ କୋରାନ୍‌ର ଶବ୍ଦ କହି ଚାଲୁଥିଲେ ଏବଂ ହଜ୍‌ରତ୍ ଜୈଦ୍ ତାହାକୁ ଲେଖିଚାଲୁଥିଲେ । ଆଜି ଆମ ସମ୍ମୁଖରେ କୋରାନ୍ କରିମ୍ ର ଯେଉଁ ପାଣ୍ଡୁଲିପି ରହିଛି ତାହା ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କ କିରତ୍ ଅନୁଯାୟୀ ଅଟେ । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୪୩...... କରାଚି)***

ଉତେ ବିନ୍ ଜମ୍‌ରାଃ ର:ଅ କୁହନ୍ତି ଯେ, ମୁଁ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କୁ କହିଲି ଯେ ଆପଣମାନଙ୍କୁ, ଆପଣଙ୍କୁ ଯେଉଁମାନେ ହଜୁର ସ:ଆ:ସଙ୍କ ସାହାବା ଅଟନ୍ତି କଣ ହୋଇଛି । ଆମେମାନେ ଦୁରଦୁରାନ୍ତରୁ ଆପଣଙ୍କ ନିକଟକୁ ଏଥିପାଇଁ ଆସୁଛୁ ଯେ, ଆପଣମାନେ ଆମକୁ କୌଣସି ଖବର ଓ ଘଟଣା ବିଷୟରେ କିଛି ସୁଚନା ଦେବେ ଓ ଆପଣଙ୍କୁ କୌଣସି ପ୍ରସଙ୍ଗରେ ଆମେ କହିବୁ, ଆପଣ ଆମମାନଙ୍କୁ କିଛି ଶିକ୍ଷା ଦେବେ କିନ୍ତୁ ଆମେମାନେ ଯେତେବେଳେ ଆପଣଙ୍କ ପାଖକୁ ଆସୁଛୁ ସେତେବେଳେ ଆପଣମାନେ ଆମକୁ ସାଧାରଣ ଭାବି ଗୁରୁତ୍ୱ ଦେଉନାହାନ୍ତି, ଆପଣଙ୍କ ଆଗରେ ଆମମାନଙ୍କର କୌଣସି ମୂଲ୍ୟନାହିଁ । ଏହା ଶୁଣି ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ କହିଲେ, ମୁଁ ଅଲ୍ଲାଃ ତାଲାଙ୍କ ରାଣ ଖାଇ କହୁଛି ଯେ ମୁଁ ଯଦି ଆସନ୍ତା ଶୁକ୍ରବାର ଦିନ ପର୍ଯ୍ୟନ୍ତ ଜୀବିତ ରହେ ତେବେ ମୁଁ ତୁମମାନଙ୍କୁ ଏଭଳି କଥା କହିବି ଯାହାକୁ ଶୁଣି ତୁମେମାନେ ମୋତେ ଜୀବିତ ରଖ ଅବା ହତ୍ୟା କର ମୁଁ ଏଥିପାଇଁ ଚିନ୍ତିତ ବା ଦୁଃଖ ପ୍ରକାଶ କରିବିନାହିଁ । ଯେତେବେଳେ ଶୁକ୍ରବାର ଦିନଟି ଆସିଲା, ସେତେବେଳେ ସେ କୁହନ୍ତି ମୁଁ ମଦିନା ଗଲି ଓ ସେଠିଯାଇ ଦେଖିଲି କି ଲୋକମାନେ ଗଳିରେ ଲହଡ଼ି ଭାଙ୍ଗି ଚାଲୁଛନ୍ତି । ମୁଁ କହିଲି ଏମାନଙ୍କୁ କଣ ହୋଇଛି ଜଣେ ବ୍ୟକ୍ତି ଉତର ଦେଲା ଆପଣ ଏହି ସହରର ଅଧିବାସୀ ନୁହନ୍ତି କି, ମୁଁ ଉତର ଦେଲି ନା, ସେ କହିଲେ ଯେ ଆଜି ମୁସଲମାନମାନଙ୍କର ସର୍ଦ୍ଦାର ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କର ନିଧନ ହୋଇଛି । ପ୍ରତିଉତରରେ ସେ କହିଲେ ଅଲ୍ଲାଃଙ୍କ ରାଣ ମୁଁ ଏଭଳି ଦିନ କେବେ ଦେଖିନାହିଁ ଯେଉଁଥିରେ ଏହିପରି ଭାବରେ କୌଣସି ବ୍ୟକ୍ତିର ଦୋଷତ୍ରୁଟିକୁ ଲୁଚା ଯାଇଥିବ । ଅର୍ଥାତ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କ ଦୋଷକୁ ପ୍ରଭୁ ଲୁଚାଇ ଦେଇଛନ୍ତି । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୮୦............ ବେରୁତ ୨୦୧୭)***

ସେ କହିଲେ ପରା ମୁଁ ତୁମକୁ ଏଭଳି କଥା କହିବି ଯାହାକୁ ଶୁଣି ତୁମେମାନେ ମୋ ସହିତ ଯେଭଳି ବ୍ୟବହାର କରିବ ମୁଁ ସେଥିରେ କୌଣସି କ୍ଷୋଭ ପ୍ରକାଶ କରିବିନାହିଁ । ବୋଧ ହୁଏ ତହିଁରୁ ଏହା ପତିତ ହେଉଛି ଯେ, ଅଲ୍ଲାଃ ବର୍ଣ୍ଣନାକାରୀର ଏହାହିଁ ଯଥାର୍ଥ ଥିଲା ଯେ ଅଲ୍ଲାଃ ତାଲା ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କୁ ଉକ୍ତ କଥାର ପ୍ରଘଟ ହେବାରୁ ବଂଚାଇ ଦେଲେ ଯାହାକୁ ସେ ପ୍ରସନ୍ନଚିତର ସହିତ ବର୍ଣ୍ଣନା କରିବାକୁ ଚାହୁଁନଥିଲେ । ଅବଶିଷ୍ଟ କଥାକୁ ଅଲ୍ଲାଃ ତାଲା ଭଲଭାବରେ ଜାଣନ୍ତି ତାଙ୍କର ଉପରୋକ୍ତ କଥାରୁ କଣ ଯଥାର୍ଥ ରହିଛି ।

ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ବର୍ଣ୍ଣନା କରନ୍ତି ଯେ ମୁଁ ଅଷ୍ଟରାତ୍ରରେ କୋରାନ୍ କରିମ୍‌ର ଗୋଟିଏ ଦୌର୍ ସମ୍ପୁର୍ଣ୍ଣ କରିନିଏ । ଅର୍ଥାତ ଆଠଟି ରାତିରେ ସେ ସମ୍ପୁର୍ଣ୍ଣ କୋରାନ୍ କୁ ପାଠ କରିନେଇଥାନ୍ତି । ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କର ହଜୁର ସ:ଆ:ସଙ୍କ ପ୍ରତି ଏତେ ପ୍ରେମ ଥିଲା ଯେ ହଜୁର ସ:ଆ:ସ ମସ୍‌ଜିଦ୍ ନବୱିଇ ସ୍ତମ୍ଭ ମଧ୍ୟରୁ ଖଜୁରୀର ଏକ ବାଡ଼ି ସାହାଯ୍ୟରେ ଆଉଜି ଛିଡ଼ା ହୋଇ ଖୁତ୍‌ବା ଦେଉଥିଲେ ପୁନଶ୍ଚ ଯେତେବେଳେ ଆପଣଙ୍କ ଲାଗି ମଂଚ ତିଆରି କରାଗଲା ଏବଂ ହଜୁର ଶୁକ୍ରବାର ଦିନ ମଂଚ ଉପରେ ଚଢ଼ି ଖୁତ୍‌ବା ଦେବାକୁ ଲାଗିଲେ ତେବେ ଉକ୍ତ ସ୍ତମ୍ଭ ମଧ୍ୟରୁ ଚିତ୍କାର ଶବ୍ଦ ବାହାରିଲା ଯାହାକୁ ମସ୍‌ଜିଦ୍ ରେ ଥିବା ସମସ୍ତ ଲୋକମାନେ ଶୁଣିଲେ, ହଜୁର ସ:ଆ:ସ ଉକ୍ତ ସ୍ତମ୍ଭ ନିକଟକୁ ଯାଇ ତାହା ଉପରେ ନିଜ ହାତ ରଖିଲେ ତାହାକୁ ନିଜ ଛାତି ସହିତ ଆଲିଙ୍ଗନ କଲେ ଏଥିରେ ଖମ୍ବଟି ଜଣେ ନିର୍ଦ୍ଦୋଶ, ନିଷ୍କପଟ ଶିଶୁପରି କାନ୍ଦିବାକୁ ଲାଗିଲା ଯେପରି ଶିଶୁଟି କାନ୍ଦିଲେ ଚୁପ୍ କରାଯାଇଥାଏ ସେହିପରି ହଜୁର ସ:ଆ:ସଙ୍କ ଆଲିଙ୍ଗନ ଦ୍ୱାରା ସେ ସ୍ତମ୍ଭଟି ଚୁପ୍ ହୋଇଯାଇଥିଲା । ଏପରିକି ତାହା ସ୍ଥିରଚିତ ହୋଇଗଲା ଓ ତହିଁରୁ କୌଣସି ଶବ୍ଦ ବାହାରିଲା ନାହିଁ । ପୁନଶ୍ଚ ଯେତେବେଳେ ମସ୍‌ଜିଦ୍‌କୁ ଭଙ୍ଗାଯାଇ ପ୍ରଶସ୍ତିକରଣ କରାଗଲା ସେତେବେଳେ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ଉକ୍ତ ଖମ୍ବଟିକୁ ନେଇ ନିଜ ଘରକୁ ଚାଲିଯାଇଥିଲେ ଏପରି ସେହି ଖମ୍ବଟି ଜୀର୍ଣ୍ଣକାୟ ହେବା ପର୍ଯ୍ୟନ୍ତ ଅର୍ଥାତ ଉଇ ଲାଗି ତାହା ନଷ୍ଟ ହୋଇଯିବା ପର୍ଯ୍ୟନ୍ତ ସେ ତାହାକୁ ନିଜ ନିକଟରେ ରଖିଥିଲେ ଏବଂ ଏହା ତାଙ୍କ ସେହି ପ୍ରେମ କାରଣରୁ ହଜୁର ସ:ଆ:ସଙ୍କ ସେହି ଅଗାଢ଼ ପ୍ରେମ କାରଣରୁ ରହିଥିଲା । ଉକ୍ତ ବର୍ଣ୍ଣନାଟି ମସ୍‌ନଦେ ଅହେମଦ୍ ବିନ୍ ହମ୍ବଲର ଅଟେ, ଏଥିରେ ସହି ବୁଖାରୀର ମଧ୍ୟ କିଂଚିତ ଅଂଶ ରହିଛି । ***(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ......... ହଦିସ୍ ନଂ-୧୪୦୭୫) (ସହି ବୁଖାରୀ.... ହଦିସ୍ ନଂ-୨୦୯୫) (ଇବ୍‌ନେ ମାଜାଃ.......... ହଦିସ୍ ନଂ-୧୪୧୪) (ସିରସ୍ ସାହାବା ଖଣ୍ଡ-୩, ପୃ-୧୫୮....... କରାଚି)***

ରସୁଲେ କରିମ୍ ସ:ଆ:ସଙ୍କ ସାହାବାଙ୍କ ମଧ୍ୟରେ ଛଅଜଣ କାଜି ଥିଲେ, ଯଥାକ୍ରମେ, ହଜ୍‌ରତ୍ ଉମର୍, ହଜ୍‌ରତ୍ ଅଲି, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍, ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍, ହଜ୍‌ରତ୍ ଅବୁ ମୁସା ଅଶ୍‌ଅରି ଏବଂ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୧୭୦.......... ବେରୁତ ୨୦୧୬)***

ସମରାଃ ବିନ୍ ଜୁନ୍ଦବ୍ ନାମକ ଜଣେ ଉଚ୍ଚ ମର୍ଯ୍ୟଦା ସମ୍ପନ୍ନ ସାହାବି ଥିଲେ, ସେ ନମାଜରେ ତକ୍‌ବିର୍ କହିବା ଓ ସୁରା ପଢ଼ିବାପରେ କିଛି ସମୟ ସ୍ଥିର ହୋଇ ରହିଯାଉଥିଲେ । ସେ ଅଲ୍ଲା ହୁ ଅକ୍‌ବର୍ କହି ଅଧିକ ସମୟ ପର୍ଯ୍ୟନ୍ତ ନିରବ ରହୁଥିଲେ । ପୁନଶ୍ଚ ସୁରାଃ ଫାତିହା ପଢୁଥିଲେ ଲୋକମାନେ ତାଙ୍କ ଉପରେ ଆପତି କଲେ ଯେ, ଏ ସଂକ୍ରାନ୍ତରେ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କ ସେବାରେ ପତ୍ର ଲେଖି ଜଣାଇଲେ ଆପଣ ଏ ସଂକ୍ରାନ୍ତରେ ମୋର ମାର୍ଗଦର୍ଶନ କରନ୍ତୁ କି ନମାଜ ପଢ଼ାଇବାରେ ପ୍ରକୃତ ଶୈଳୀ କଣ । ସୁତରାଂ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ଅତ୍ୟନ୍ତ ସଂକ୍ଷିପ୍ତ ଭାବରେ ଉଲ୍ଲେଖ କଲେ ଯେ, ଆପଣଙ୍କ ନମାଜ ଶୈଳୀ ଇସ୍‌ଲାମୀୟ ନିୟମ ଅନୁଯାୟୀ ଅଟେ । ତେଣୁ ଆପତିକାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁନାହିଁ । ଅର୍ଥାତ ତାଙ୍କ କଥା ଶୁଣନ୍ତୁ ନାହିଁ । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୫୪...... କରାଚି)***

ହଜରତ ସୁୱେଦ୍ ବିନ୍ ଗଫଲା, ଜୈଦ୍ ବିନ୍ ସୌଜାନ୍ ଓ ସୁଲେମାନ୍ ବିନ୍ ରବିୟାଙ୍କ ସହିତ କୌଣସି ଏକ ଯୁଦ୍ଧରେ ଯାଇଥିଲେ । ଉଜୈବ୍ ନାମକ ଏକ ସ୍ଥାନରେ ଆବର୍ଜନା ପଡ଼ିଥିଲା ଉଜୈବ୍ ହେଉଛି ବନୁ ତମିସ୍‌ର ସମତଳ ଇଲାକା । ତାହା କାଦିସିୟା ଏବଂ ମୁଗ୍‌ଫିଆର ମଧ୍ୟବର୍ତୀ ଏକ ଜଳାଶୟର ନାମ । ଯାହାକି କାଦିସିୟାରୁ ଚାରି ମାଇଲ ଦୁରରେ ଅବସ୍ଥିତ । ସେ ଯାହା ହେଉ ନା କାହିଁକି ସୁୱେଦ୍ ସେହି ଆବର୍ଜନାକୁ ଉଠାଇନେଲେ ସେହି ଲୋକମାନେ କହିଲେ ଏହାକୁ ଫିଙ୍ଗି ଦିଅନ୍ତୁ ସମ୍ଭବତଃ ଏହା କୌଣସି

ମୁସଲମାନର ହୋଇଥିବ । ସେ କହିଲେ, କଦାପି ନୁହେଁ ମୁଁ ଏହାକୁ କଦାପି ଫିଙ୍ଗିବି ନାହିଁ ପଡ଼ିରହି ଏହାକୁ ବିଲୁଆମାନେ ଖାଇଯିବେ ଏହା ସେମାନଙ୍କର ଆହାର ହୋଇଯିବ ତେଣୁ ଏହା ଭଲ ହେବ ଯେ ମୁଁ ଏହାକୁ ବ୍ୟବହାରରେ ନେଇନେବି ଅର୍ଥାତ ମୋର ଉପଯୋଗୀରେ ଆସିବ । ଏହାର କିଛିଦିନ ପରେ ସୁୱେଦ୍ ହଜ୍ ଉଦ୍ଦେଶ୍ୟରେ ବାହାରିଲେ, ବାଟରେ ମଦିନା ପଡୁଥିଲା ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କ ନିକଟକୁ ଗଲେ ଏବଂ ଆବର୍ଜନା ସମ୍ବନ୍ଧିୟ ଘଟଣା ବିଷୟରେ ବର୍ଣ୍ଣନା କଲେ । ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ କହିଲେ ମୁଁ ମଧ୍ୟ ଏହି ପ୍ରକାର ଘଟଣାର ସମ୍ମୁଖୀନ ହୋଇଥିଲି ହଜୁର ସ:ଆ:ସଙ୍କ ସମୟରେ ମତେ ଶହେ ଦୀନାର ମିଳିଥିଲା । ବର୍ତମାନ ସେ ଆବର୍ଜନା ହେଉ ଅବା ଶହେ ଦୀନାର ହେଉ ପ୍ରତ୍ୟେକ ବସ୍ତୁ ନିଜ ନିଜର ଯୋଗ୍ୟତା ଅନୁଯାୟୀ ମୁଲ୍ୟ ରହିଛି ତାହା ହେଉଛି ଅମାନତ୍ । ବର୍ତମାନ ହଜୁର ସ:ଆ:ସ ଏ ସମ୍ବନ୍ଧରେ ଯାହା କହିଛନ୍ତି, ତାହା ଶୁଣନ୍ତୁ, ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ କୁହନ୍ତି, ଯେ ହଜୁର ସ:ଆ:ସ ଆଦେଶ ଦେଇଛନ୍ତି ଯେ, ବର୍ଷସାରା ଲୋକମାନଙ୍କୁ ସୁଚିତ କରାଅ ଅର୍ଥାତ ଘୋଷଣା କରିଚାଲ ଯେ ମତେ ଏଭଳି କିଛି ଜିନିଷ ମିଳିଛି ଏକବର୍ଷ ବିତଯିବା ପରେ ଟଙ୍କାର ପରିମାଣ ଓ ଚିହ୍ନକୁ ମନେରଖିବା ପାଇଁ ଆଦେଶ ଦେଇଥିଲେ ଓ ଅପେକ୍ଷା କରିବାକୁ କହିଥିଲେ, ସେହି ଏକବର୍ଷ ଅବଧି ମଧ୍ୟରେ ଯଦି କୌଣସି ବ୍ୟକ୍ତି ଉକ୍ତ ଚିହ୍ନ ଓ ପରିମାଣ ସଠିକ୍ ରୂପେ ଦର୍ଶାନ୍ତି ତେବେ ତାହାକୁ ତାଙ୍କୁ ଫେରାଇ ଦେବା ଉଚିତ । ଅର୍ଥାତ ଯେ କୌଣସି ବସ୍ତୁ ବା ଜିନିଷକୁ ତୁମକୁ ଯଦି ବାଟରୁ ମିଳେ ବା କୌଣସି ସ୍ଥାନରୁ ମିଳେ ତାହାକୁ ଗୋଟିଏ ବର୍ଷ ପର୍ଯ୍ୟନ୍ତ ତୁମେ ନିଜ ପାଖରେ ରଖି ଘୋଷଣା କରିବା ଉଚିତ ଏବଂ ତାହାର ଚିହ୍ନ ଓ ପରିମାଣ ଆଦିକୁ ମନେ ରଖିବା ଉଚିତ, ଏହି ଅବଧି ମଧ୍ୟରେ ଯଦି କୌଣସି ବ୍ୟକ୍ତି ସଠିକ ଚିହ୍ନ ଓ ପରିମାଣର ସୁଚନା ଦିଏ ତେବେ ତାହାକୁ ତାହାର ବସ୍ତୁ ଫେରାଇ ଦେବା ଉଚିତ ।

ଜଣେ ବ୍ୟକ୍ତି ମସ୍‌ଜିଦ୍‌କୁ ଆସି ନିଜର ହଜିଯାଇଥିବା ଜିନିଷ ବିଷୟରେ ଘୋଷଣା କରୁଥିଲେ ଇତି ମଧ୍ୟରେ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ଏକଥା ଶୁଣି ବେଶ୍ କ୍ଷୋଭ ପ୍ରକାଶ କଲେ । ଉକ୍ତ ବ୍ୟକ୍ତିଜଣକ କହିଲା ମୁଁ ମସ୍‌ଜିଦ୍‌ରେ କୌଣସି ଅଶ୍ଳିଳ କଥା ତ କହିନାହିଁ । ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅ ଉତର ଦେଲେ ତାହା ଠିକ୍ କିନ୍ତୁ ତୁମର ଏହି କଥା ମସ୍‌ଜିଦ୍‌ର ଶିଷ୍ଟାଚାର ବିରୋଧିୟ ଅଟେ । ମସ୍‌ଜିଦ୍‌ରେ କୌଣସି ସାଂସାରିକ ବସ୍ତୁର ଏଲାନ୍ ଅର୍ଥାତ ଘୋଷଣା କରାଯିବା ଉଚିତ ନୁହେଁ । ***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୫୭...... କରାଚି)***

ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କ ମୃତ୍ୟୁ ସମ୍ପର୍କରେ ବିଭିନ୍ନ କଥନ ଉଲ୍ଲେଖ ରହିଛି ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କ ମୃତ୍ୟୁ ହଜ୍‌ରତ୍ ଉମର୍ ର:ଅଙ୍କ ଶାସନକାଳରେ ୨୨ ହିଜ୍‌ରୀରେ ହୋଇଥିଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶାସନକାଳରେ ୩୦ ହିଜ୍‌ରୀରେ ତାଙ୍କର ଦେହାନ୍ତ ଘଟିଥିଲା ଏବଂ ଉକ୍ତ ବର୍ଣ୍ଣନାଟି ସର୍ବାଧିକ ରୂପେ ସଠିକ୍ ମନେ ହେଉଛି କାରଣ ହଜ୍‌ରତ୍ ଉସ୍‌ମାନ ର:ଅ ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କ ଉପରେ କୋରାନ୍ କରିମ୍ ଏକତ୍ରିତ କରିବାର ଦାୟିତ୍ୱ ନ୍ୟସ୍ତ କରିଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୮୧............ ବେରୁତ ୨୦୧୭) (ଅଲ୍‌ଅସାବାଃ....... ଖଣ୍ଡ-୧, ପୃ-୩୫-୩୬.......... ବେରୁତ ୨୦୦୧)***

ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କ ସନ୍ତାନମାନଙ୍କ ମଧ୍ୟରେ ତୁଫୈଲ୍ ଓ ମୁହମ୍ମଦ ଥିଲେ ଏବଂ ଏମାନଙ୍କ ମାତାଙ୍କ ନାମ ଉମ୍ମେ ତୁଫୈଲ୍ ଥିଲା, ତାଙ୍କର ସମ୍ପର୍କ ଦୌସ୍ ସମ୍ପ୍ରଦାୟ ସହିତ ଥିଲା । ହଜ୍‌ରତ୍ ଉବେ ବିନ୍ କାଆବ୍ ର:ଅଙ୍କ ପୁତ୍ରୀଙ୍କ ନାମ ଉମ୍ମେ ଉମ୍‌ରୋ ବର୍ଣ୍ଣିତ ରହିଛି । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୭୮............ ବେରୁତ ୨୦୧୭)*** ଏଠାରେ ତାଙ୍କର ଆଲୋଚନା ସମାପ୍ତ ହେଲା ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଯେତେବେଳେ ER ର ଟେନ୍‌ସନ ହୋଇଥାଏ ସେତେବେଳେ ଏହା କଣିକାର ନ୍ୟୁକ୍ଲିଅସ୍‌କୁ ପ୍ରଭାବିତ କରିଥାଏ । ନ୍ୟୁକ୍ଲିଅସ୍ ଭିତରେ ଏହି ପ୍ରୋଟିନ DNA ସହିତ ଯୋଡ଼ି ହୋଇଯାଏ ତେଣୁ ଚର୍ବି ଉତ୍ପାଦନ କରୁଥିବା ଜିନ୍‌ସ ର ପରିମାଣରେ ବୃଦ୍ଧି ଘଟିଥାଏ ।

ଶେଷରେ ଆମେ ସେହି ମୁଷାଗୁଡ଼ିକର TUDCA ନାମକ ଔଷଧ ଦ୍ୱାରା ଚିକିତ୍ସା କଲୁ, ଯେଉଁ ଔଷଧ ER ର ଟେନ୍‌ସନ୍‌କୁ ଦୂର କରିବାପାଇଁ ଜଣାଶୁଣା ଏବଂ ରୋଗିମାନଙ୍କୁ ଯକୃତ ବିମାରୀରେ କାମ ଆସିଥାଏ ସେଥିରୁ ପ୍ରକାଶ ହେଲା ଯେ, ଏହା ମୁଷାମାନଙ୍କ ରୋଗଗୁଡ଼ିକର ବହୁତ ଗୁଡ଼ିଏ ଲକ୍ଷଣକୁ ଠିକ୍ କରୁଅଛି । ତା'ପର ପଦକ୍ଷେପ କ୍ଲିନିକାଲ୍ ଡ଼ାକ୍ତରମାନଙ୍କ ସହିତ ମିଶି କାମ କରିବା ଯଦ୍ୱାରା ଏକଥାକୁ ପ୍ରମାଣ କରାଯାଇପାରିବ ଯେ, ପ୍ରକୃତରେ ଏହି ଔଷଧ LPIN-1 ଜିନ୍‌ରେ ବିକୃତି ଘଟିଥିବା ଯୋଗୁଁ ସୃଷ୍ଟି ହୋଇଥିବା ରୋଗ Rhabdo Myomysis ରୋଗ ପାଇଁ ଦିଆଯାଇପାରିବ ।

**ଆଉ ଏକ ପ୍ରେଜେଂଟେସନ୍**

ତା'ପରେ ଅଜିଜମ୍ ଉସାମା ଅବ୍‌ଦାଲେ ରବ୍‌ବାନୀ ଫ୍ରାନ୍ସର ପ୍ରଶିଦ୍ଧ ପର୍ବତମାଳା ଉପରେ ଆଧାରିତ ଗୋଟିଏ ପରିଚୟମୁଳକ ପ୍ରେଜେଂଟେସନ ଉପସ୍ଥାପନ କଲେ ।

ଖୁଦାତାଲା ପବିତ୍ର କୋରାନ୍‌ରେ କହିଛନ୍ତି, "ଏବଂ ଆମ୍ଭେ ପୃଥିବୀକୁ ବିସ୍ତାରିତ କରିଅଛୁ ଓ ତନ୍ମଧ୍ୟରେ ସୁଦୃଢ଼ ପର୍ବତମାନ ସ୍ଥାପନ କରିଅଛୁ ତଥା ତନ୍ମଧ୍ୟରେ ପ୍ରତ୍ୟେକ ପ୍ରକାରର ଆବଶ୍ୟକ ଦ୍ରବ୍ୟ (ଉଚିତ ଅନୁପାତରେ ସୃଷ୍ଟି କରି) ବୃଦ୍ଧି କରିଅଛୁ" । ***(ଅଲ୍‌ହିଜର:୨୦)***

ଏ ସମ୍ବନ୍ଧରେ ମୁଁ ଫ୍ରାନ୍ସର ପ୍ରଶିଦ୍ଧ ପର୍ବତମାଳା ସମ୍ବନ୍ଧରେ କିଛି ଡ଼ାଟା ସଂଗ୍ରହ କରିଛି ଓ ତାହା ମୁଁ ପ୍ରୀୟ ଆକାଙ୍କ ଗୋଚରେ ଉପସ୍ଥାପନ କରୁଛି । ସର୍ବପ୍ରଥମେ ମୁଁ Alps ପର୍ବତମାଳା ସମ୍ପର୍କରେ କିଛି ତଥ୍ୟ ଆପଣମାନଙ୍କ ସମ୍ମୁଖରେ ରଖୁଅଛି । Alps ହେଉଛି ସବୁଠାରୁ ଉଚ୍ଚା ଏବଂ ବହୁତ ବିସ୍ତାରିତ ପର୍ବତମାଳାର ନାମ ଯାହା ୟୁରୋପରେ ଅବସ୍ଥିତ ଓ ତାହା ଆଲ୍‌ପାଇନ୍‌ର ଆଠଟି ଦେଶ (ପଶ୍ଚିମରୁ ପୂର୍ବ ପର୍ଯ୍ୟନ୍ତ) ଉଣା ଅଧିକେ ୧୨୦୦ କିମି ପରିବ୍ୟାପ୍ତ । ଏହି ସବୁ ଦେଶଗୁଡ଼ିକ ମଧ୍ୟରେ ସୁଇଜରଲ୍ୟାଣ୍ଡ, ଇଟାଲୀ, ଅଷ୍ଟ୍ରିୟା, ଲିଚ୍‌ଷ୍ଟନ୍, ଜର୍ମାନୀ, ଫ୍ରାନ୍ସ, ମୋନକୋ ଏବଂ ସ୍ଲୋଭାନିଆ ସାମିଲ ଅଛନ୍ତି ।

Mont Blanc ହେଉଛି ଏହି ପର୍ବତାମାଳାରେ ଅବସ୍ଥିତ ଦକ୍ଷିଣ ୟୁରୋପର ସବୁଠାରୁ ଉଚ୍ଚା ପାହାଡ଼ ଯାହାର ଉଚ୍ଚତା ହେଉଛି ୪୮୦୮ ମିଟର । Mont Blanc ଫ୍ରାନ୍ସର ସାମୁନି ସହରରେ ଅବସ୍ଥିତ । Mont Blanc ର ଶବ୍ଦାର୍ଥ ହେଉଛି ଧଳା ପାହାଡ଼ କାରଣ ଏହି ପାହାଡ଼ଟି ବର୍ଷତମାମ ବରଫରେ ଆଚ୍ଛାଦିତ ରହିଥାଏ । ପ୍ରତ୍ୟେକ ବର୍ଷ ଏହି ପାହାଡ଼କୁ ଦେଖିବାପାଇଁ ଉଣା ଅଧିକେ ୫୦ଲକ୍ଷ ଲୋକ ଆସିଥାନ୍ତି । Mont Blanc ର ଚତୁପାର୍ଶ୍ୱରେ Ski ମାର୍ଗ ମଧ୍ୟ ରହିଛି ଯେଉଁଠି ଲୋକମାନେ ବିଶେଷରୂପେ ଗ୍ରୀଷ୍ମଋତୁରେ Ski କରିବାପାଇଁ ଆସିଥାନ୍ତି । Mont Blanc ର ମଧ୍ୟଭାଗରେ ଗୋଟିଏ ଟନେଲ୍ ମଧ୍ୟ ରହିଛି ଯାହାର ଉଦ୍‌ଘାଟନ ୧୯ ଜୁଲାଇ ୧୯୬୫ ମସିହାରେ ହୋଇଥିଲା ।

ଏହି ଟନେଲ୍‌ଟି ଫ୍ରାନ୍ସର ଶାମୁନି ସହର ଏବଂ ଇଟାଲୀର କୋର୍‌ମାୟୁ ସହରକୁ ଆପୋଷରେ ଯୋଡ଼ିଥାଏ । ଏହି ଟନେଲ୍‌ର ନାମ ହେଉଛି Tunnel De Mont Blanc କୁହାଯାଏ ।

ଆଲ୍‌ପୋଷ୍‌ରେ ଅବସ୍ଥିତ ଆଉ ଏକ ପ୍ରଶିଦ୍ଧ ପାହାଡ଼ର ନାମ ହେଉଛି Barres Des Ecrins । ଏହି ପାହାଡ଼ର ଉଚ୍ଚତା ଉଣା ଅଧିକେ ୪୧୦୦ ମିଟର । ଏବଂ ଏହି ପାହାଡ଼ଟି ପେଲ୍‌ଭୋକ୍ସ ସହରରେ ଅବସ୍ଥିତ । ଏହି ପାହାଡ଼ଗୁଡ଼ିକ ମଧ୍ୟରେ କିଛି ପ୍ରଶିଦ୍ଧ ନଦୀ ବହି ଯାଇଛନ୍ତି ସେମାନଙ୍କର ନାମ ହେଉଛି: Pau and Rhone ।

ତା'ପରେ ଦକ୍ଷୀଣ ପଶ୍ଚିମ ୟୁରୋପରେ ଗୋଟିଏ ପର୍ବତମାଳା ରହିଛି ଯାହାର ନାମ ହେଉଛି Pyrenees ଯାହା ଫ୍ରାନ୍ସ ଓ ସ୍ପେନ୍‌ର ମଧ୍ୟରେ ଏକ ପ୍ରାକୃତିକ ସୀମା ହୋଇ ରହିଛି । ଏହି ପର୍ବତମାଳାର ଉଚ୍ଚତମ ଶୃଙ୍ଗର ନାମ NTO ଯାହାର ଉଚ୍ଚତା ହେଉଛି ୩୪୦୪ ମିଟର । ଏଠାରେ ଗୋଟିଏ ଦେଖିବା ଯୋଗ୍ୟ ହ୍ରଦ ମଧ୍ୟ ମିଳିଥାଏ, ଯାହାର ନାମ ହେଉଛି LAC d' Artouste ଏହି ହ୍ରଦଟି ବହୁତ ପ୍ରଶିଦ୍ଧ ।

ଶେଷରେ ମାସିଫ୍ ସେଂଟ୍ରାଲ୍‌ର ପର୍ବତମାଳା ସମ୍ପର୍କରେ କିଛି ତଥ୍ୟ ଉପସ୍ଥାପନ କରୁଛି । ମାସିଫ୍ ହେଉଛି ଦକ୍ଷିଣ ଫ୍ରାନ୍ସର ମଧ୍ୟବର୍ତୀ ଇଲାକାରେ ଥିବା ଏକ ପର୍ବତମାଳାର ନାମ ଯାହା ବହୁତ ତୀକ୍ଷ୍ଣ ଉଚ୍ଚତା ବିଶିଷ୍ଟ ଏବଂ ସମାନ୍ତରାଳ ଉଚ୍ଚତା ବିଶିଷ୍ଟ ଅଟେ । ଏହା ଏତେ ବଡ଼ ଯେ, ଫ୍ରାନ୍ସ ଦେଶର ୧୫ ପ୍ରତିଶତ କ୍ଷେତ୍ରଫଳ ହେଉଛି ଏକା ତାହାର ଏହି ପର୍ବତମାଳାର ସବୁଠାରୁ ଉଚ୍ଚା ପାହାଡ଼ର ନାମ ହେଉଛି ପୋଇ ଦେ ସାନ୍ସି । ଏହା ଏକ ପୁରାତନ Astro Volcano ର ଅଂଶ ବିଶେଷ ଯାହା ଉଣା ଅଧିକେ ୨୨୦୦୦୦ ବର୍ଷ ପୂର୍ବ ମୃତ ଜ୍ୱାଳାମୁଖୀ ଅଟେ । ଏହି ପାହାଡ଼ର ଉଚ୍ଚତା ହେଉଛି ୧୮୮୬ ମିଟର ।

**ୱାକିଫିନେ ନୌ ପିଲାମାନଙ୍କ ପ୍ରଶ୍ନର ଉତର**

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ୱାକିଫିନେ ନୌ ପିଲାମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଅନୁମତି ଦେଲେ ।

ଜଣେ ୱାକିଫେ ନୌ ପିଲା ପିଚାରିଲା ଯେ, ଯଦି ହଜୁରଙ୍କୁ ଖଲିଫା ହେବାପାଇଁ ଅବସର ନ ମିଳିଥାନ୍ତା ତେବେ ହଜୁର କଣ ହୋଇଥାନ୍ତେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ମୁଁ ପ୍ରଥମେ ମଧ୍ୟ ଦୀନ୍ (ଧର୍ମ)ର ଖିଦ୍‌ମତ୍ କରୁଥିଲି ତେଣୁ ମୁଁ ସେହିଭଳି ଯମାତ୍‌ର ଖିଦ୍‌ମତ୍ କରିଥାନ୍ତି । ବାକି ମୁଁ କୌଣସି ଅବସରର ଅନ୍ୱେଷଣରେ ନଥିଲି ଓ ନା' କିଏ ଏପରି କରିପାରେ ।

ଆଉ ଜଣେ ୱାକିଫେ ନୌ ପିଲା ପଚାରିଲା ଯେ, ହଜୁରଙ୍କୁ ଫ୍ରାନ୍ସର ଜଲ୍‌ସା କେମିତି ଲାଗିଲା ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହା ତ ଜଲ୍‌ସା ନୁହେଁ ଗୋଟିଏ ଛୋଟିଆ ଜଲ୍‌ସି ଥିଲା । ତେବେ ସେଠି ୟୁକେରେ ଖୁଦାମୁଲ୍ ଅହେମଦୀୟାର ଇଜ୍‌ତିମା ହେଲା ସେମାନଙ୍କର ଉପସ୍ଥାନ ଉଣା ଅଧିକେ ୬୦୦୦ ଥିଲା ଯେବେକି ତୁମ ପୁରା ଜଲ୍‌ସାର ଉପସ୍ଥାନ ୨୭୦୦ ରୁ ୨୮୦୦ ଥିଲା ।

ଜଣେ ୱାକିଫେ ନୌ ପିଲା ପଚାରିଲା ଯେ, କଣ କେବଳ ମୁସଲମାନ ମାଆମାନଙ୍କ ପାଦତଳେ ବୈକୁଣ୍ଠ ଥାଏ ଓ ଅଣମୁସଲମାନ ମାଆମାନଙ୍କ ପାଦତଳେ ବୈକୁଣ୍ଠ ନଥାଏ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ପ୍ରତ୍ୟେକ ମାଆ ଯିଏ ନିଜ ପିଲାର ଭଲ ତର୍‌ବିୟତ (ଉତମ ପ୍ରଶିକ୍ଷଣ) କରିଥାଏ, ପିଲାଙ୍କୁ ପୂଣ୍ୟବାନ ରୂପେ ଗଢ଼ିତୋଳିଥାଏ ସେ ଅବଶ୍ୟ ପୂଣ୍ୟ କରିଥାଏ ଓ ବୈକୁଣ୍ଠକୁ ଯିବ । ପ୍ରଥମ କଥା ତ ହେଉଛି

ଏହା କି, ମାଆମାନଙ୍କର ସେବା କରିବା ଉଚିତ ଦ୍ୱିତୀୟ କଥା ହେଉଛି ଏହା ଯେ, ଯେଉଁ ମାଆମାନେ ଧାର୍ମିକ ଅଟନ୍ତି, ସେମାନେ ନିଜ ପିଲାମାନଙ୍କୁ ପୂଣ୍ୟବାନ ବନେଇଥାନ୍ତି, ଧର୍ମ ମଧ୍ୟ ଶିଖାଇଥାନ୍ତି, ଅଲ୍ଲାଃ ତାଲାଙ୍କ ଉପାସନା କରିବା ଶିଖାଇଥାନ୍ତି ଏବଂ ସେମାନଙ୍କୁ ଉତମ ଚରିତ୍ର ମଧ୍ୟ ଶିଖାଇଥାନ୍ତି । ତେଣୁ ଅଲ୍ଲାଃ ତାଲା ତାଙ୍କୁ ଅଧିକ ପସନ୍ଦ କରିଥାନ୍ତି । କିନ୍ତୁ ତୁମମାନଙ୍କୁ ଏକଥା କୁହାଯାଇଛି ଯେ ନିଜ ମାଆମାନଙ୍କର ସେବାକର, ସେମାନଙ୍କ କଥା ମାନ ଓ ମାଆମାନଙ୍କୁ କୁହାଯାଇଛି ଯେ, ନିଜ ପିଲାମାନଙ୍କର ତର୍‌ବିୟତ କର । ବାକି ଅଲ୍ଲାଃ ତାଲାଙ୍କ କାର୍ଯ୍ୟ ହେଉଛି ସେ ବୈକୁଣ୍ଠକୁ ନେବେ । ତେବେ ଅଲ୍ଲାଃ ତାଲା ଠିକ୍ ଜାଣିଛନ୍ତି ଯେ ସେ କାହାକୁ ବୈକୁଣ୍ଠକୁ ନେବେ । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ ଯେଉଁ ମାଆମାନେ ନିଜ ପିଲାମାନଙ୍କୁ ପୂଣ୍ୟ ପ୍ରଶିକ୍ଷଣ ଦେବେ ସେମାନଙ୍କୁ ଅଲ୍ଲାଃ ତାଲାଙ୍କ ବିଷୟରେ ଜ୍ଞାନ ମଧ୍ୟ ମିଳିଯିବ । ଫଳତଃ ସେମାନେ ତାହାଙ୍କ ଉପାସନା କରିବେ ଏବଂ ଅଲ୍ଲାଃ ତାଲାଙ୍କ ପ୍ରାଣୀ ଜଗତର ସେବା ମଧ୍ୟ କରିବେ ଓ ସେମାନଙ୍କର ଅଧିକାରକୁ ମଧ୍ୟ ପ୍ରଦାନ କରିବେ । ତେଣୁ ତାଙ୍କ ସମ୍ବନ୍ଧରେ ଏହା କୁହାଯାଇଛି ଯେ, ସେମାନେ ବୈକୁଣ୍ଠ ଲଭିବେ । କିନ୍ତୁ ମଣିଷ ମୁସଲମାନ ହେଉ ବା ଅଣମୁସଲମାନ ଏପରି ସ୍ଥଳେ ଭଲ ମଣିଷ ହେଉଛି ସେ ଯିଏ ନିଜ ମାଆବାପାଙ୍କର ସମ୍ମାନ କରିଥାଏ ଏବଂ ଯିଏ ସଠିକ୍ କଥାକୁ ଗ୍ରହଣ କରିଥାଏ । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ମଧ୍ୟ ଏହା କହିଛନ୍ତି କି ମାଆବାପାଙ୍କର କଥାକୁ ମାନ ଓ ସେମାନଙ୍କ ସେବା କର କିନ୍ତୁ ଯଦି ସେମାନେ କୁହନ୍ତି ଯେ, ଈଶ୍ୱରଙ୍କର ସମକକ୍ଷ କାହାକୁ କର ବୋଲି ତେବେ ପୁଣି ତାଙ୍କ କଥାକୁ ମାନନାହିଁ ।

ଆଉ ଜଣେ ୱାକିଫେ ନୌ ପଚାରିଲେ ଯେ, ହଜୁର ଆପଣ କେତେଗୋଟି ଦେଶ ପରିଦର୍ଶନ କରିସାରିଲେଣି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ମୁଁ ବହୁତଗୁଡ଼ିଏ ଦେଶ ପରିଦର୍ଶନ କରିସାରିଲାଣି । ରିପୋର୍ଟ ପଢ଼ି ଗଣିନେବ । ବୋଧ ହୁଏ ୩୫ ବା ୩୬ ଦେଶ ପରିଦର୍ଶନ କରିଥିବି ।

ଆଉ ଜଣେ ୱାକିଫେ ନୌ ପଚାରିଲେ ଯେ, ହଜୁର ଏବେ ମୋର ବୟସ ହେଉଛି ୧୫ କଣ ମୁଁ ଯାମିୟାରେ ନାମ ଲେଖାଇ ପାରିବି ନା ନାହିଁ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯାମିୟାରେ ପଢ଼ିବାପାଇଁ ବୟସର ପ୍ରଶ୍ନ ନାହିଁ ଏଠି ପ୍ରବେଶ କରିବାପାଇଁ ହେଲେ ସେକେଣ୍ଡାରୀ ସ୍କୁଲ୍ ପାଠ ପଢ଼ିବା ଜରୁରୀ ଅଟେ । ଯଦି ତୁମେ ସେକେଣ୍ଡାରୀ ସ୍କୁଲ୍ ପାସ୍ କରିସାରିଛ ଓ ଏବେ ଯାମିୟାର ଇଂଟରଭ୍ୟୁ ପାସ୍ କରିନେବ ତେବେ ସେମାନେ କହୁଛନ୍ତି ଯେ, ଆମେ ତୁମର ନାମ ଲେଖାଇ ନେବୁ ଓ ଏହି ଇଂଟରଭ୍ୟୁ ତୁମର ଶିକ୍ଷାଗତ ଯୋଗ୍ୟତା ଓ ଧାର୍ମିକ ଜ୍ଞାନ ସମ୍ବନ୍ଧରେ ହେବ । ତେଣୁ ତୁମେ ଏହି ପରୀକ୍ଷା ଦେଇ ଯାମିୟାରେ ନାମ ଲେଖାଇ ପାରିବ । ତେଣୁ ଏଠି ୧୫, ୧୬ ବା ୧୭ ବର୍ଷର କଥା ଉଠୁନାହିଁ । ୧୫ ରୁ ନେଇ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଯାମିୟାରେ ପ୍ରବେଶ କରିପାରିବ । କିନ୍ନୁ ସେକେଣ୍ଡାରୀ ସ୍କୁଲ୍ ପାଶ୍ କରିବା ହୋଇଥାଏ ।

ଜଣେ ୱାକିଫେ ନୌ ପିଲା ପଚାରିଲା ଯେ, ଆପଣଙ୍କୁ କେଉଁ ମାଂସ ପସନ୍ଦ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ମତେ କୌଣସି ମାଂସ ପସନ୍ଦ ନୁହେଁ, ପୁଣି ସେ ପଚାରିଲେ ଯେ, କଣ ହଜୁରଙ୍କୁ ମାଛ ପସନ୍ଦ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ମତେ ମାଛ ବହୁତ ଭଲଲାଗେ ବାକି ରହିଲା ପଶୁମାଂସ ତାହାକୁ ଖାଇଲେ ଦାନ୍ତ ଖରାପ ହୋଇଥାଏ । ଯେଉଁମାନେ ଅଧିକା ମାଂସ ଖାଇଥାନ୍ତି ସେମାନଙ୍କର ଦାନ୍ତ ଖରାପ ହୋଇଯାଏ । ତେଣୁ ଖାଦ୍ୟ ମଧ୍ୟ ବାଲାନ୍ସ ହେବା ଉଚିତ । ତେଣଉ ପରିବାପତ୍ର ମଧ୍ୟ ଖାଇବା ଉଚିତ, ଡ଼ାଲିଜାତୀୟ ଖାଦ୍ୟ ଖାଇବା ଉଚିତ, ମାଂସ ବି ଖାଇବା ଉଚିତ କିନ୍ତୁ ମାଂସ ଖାଇବା ପାଇଁ ଅଧିକ ନଖରାମି କରିବା ଠିକ୍ ନୁହେଁ ।

ଆଉ ଜଣେ ୱାକିଫେ ନୌ ପଚାରିଲେ ଯେ, ହଜୁର ଆପଣଙ୍କ ବଡ଼ିଗାର୍ଡ଼ କେମିତି ଚୟନ ହୋଇଥାନ୍ତି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ସେମାନଙ୍କୁ ପଚାର ମୋ ମତରେ ଯେଉଁମାନେ କିଛି କରିନଥାନ୍ତି ସେମାନେ ବଡ଼ିଗାର୍ଡ଼ ହୋଇଯାଆନ୍ତି । ତେଣୁ ତୁମେମାନେ କିଛି ପାଠ ପଢ଼ ଏବଂ ଯୋଗ୍ୟ ହୁଅ, ତୁମେ ଡ଼ାକ୍ତର ହୁଅ, ଶିକ୍ଷକ ହୁଅ ।

ଆଉ ଜଣେ ୱାକିଫେ ନୌ କହିଲେ ଯେ, ମୁଁ ମୁରବୀ ସାହେବ ହେବାକୁ ଚାହୁଁଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ମୁରବୀ ହୁଅ ସାହେବ ହୁଅନାହିଁ । ଯଦି ତୁମେ ସାହାବ ହୋଇଗଲ ତେବେ ସବୁକିଛି ସରିଗଲା । ମୁରବୀ ଯଦି କେବଳ ମୁରବୀ ହୋଇରହେ ତେବେ ଠିକ୍ ଯେଉଁଠି ସେମାନେ ସାହେବ ହୋଇଯାଆନ୍ତି ତେବେ ଜାଣିନିଅ ଯେ, ସବୁକିଛି ଗଲା ।

ଜଣେ ୱାକିଫେ ନୌ ପଚାରିଲା ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କୁ ଖେଳରେ କେଉଁ ଖେଳ ପସନ୍ଦ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏବେ ତ ମୁଁ ଖେଳାଖେଳି କରୁନାହିଁ, କିନ୍ତୁ ପିଲାଦିନେ ମୁଁ କ୍ରିକେଟ ଖେଳୁଥିଲି ଓ ବ୍ୟାଟ୍‌ମିଂଟନ ମଧ୍ୟ ଖେଳୁଥିଲି ।

ୱାକିଫେ ନୌ ପିଲାମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି କ୍ଲାସ ୮:୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ କାର୍ଯ୍ୟାଳୟକୁ ଚାଲିଗଲେ ।

### Saint Prix ର ମେୟରଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର

ସେଂଟ ପ୍ରିକ୍ସ ଇଲାକା (ଯେଉଁଠି ଆମର ମର୍କଜି ମିଶନ୍ ହାଉସ୍ ଦାରୁସ୍ ସଲାମ୍ ଏବଂ ମସ୍‌ଜିଦ୍ ମୁବାରକ ଅଛି)ର ମେୟର Jean-Pierre Enjalbert ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାଇଁ ଆସିଥିଲେ । ଗୋଟିଏ ସମୟ ଥିଲା ଏହି ମେୟର ଜଣକ ଯମାତ୍‌ର ଭୀଷଣ ବିରୋଧି ଥିଲେ । ବର୍ତମାନ ଯମାତ୍‌ର ଯେଉଁ ମିଶନ ହାଉସ୍ ଅଛି ତାକୁ ସେ ବନ୍ଦ କରିଦେଇଥିଲେ ଏବଂ ସେ ଏ ଅଭିଯୋଗ ଆଣି ତାକୁ ସିଲ୍ କରିଦେଇଥିଲେ ଯେ, ଏହି ମିଶନ୍ ହାଉସ୍‌ରୁ ବିଭ୍ରାଟ ସୃଷ୍ଟି ହେଉଛି ।

ଏହି ଘଟଣାର କିଛି ଦିନ ପରେ ଡ଼ିସେମ୍ବର ୨୦୦୪ ମସିହାରେ ଯେବେ ହଜୁର ଅନଓ୍ୱର ଅ:ବ:ଅ ଫ୍ରାନ୍ସ ଗସ୍ତରେ ଆସିଥିଲେ, ସେତେବେଳେ ଏହି ମେୟର ସାହେବ ଜଲ୍‌ସା ସାଲାନାରେ ସାମିଲ ହୋଇଥିଲେ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ଉପସ୍ଥିତିରେ ସେ ନିଜର ବକ୍ତବ୍ୟ ରଖିଥିଲେ ।

"ଆଜି ଇସ୍‌ଲାମ୍‌ର ଯେଉଁ ଛବିକୁ ଅନ୍ୟ ମୁସଲମାନମାନେ ଉପସ୍ଥାପନ କରୁଛନ୍ତି ତାହା ଠିକ୍ ନୁହେଁ ଯମାତ୍ ଅହେମଦୀୟା ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ଓ ସୁନ୍ଦର ଛବିକୁ ପଦର୍ଶନ କରୁଅଛି"

ଏହି ମେୟର ଜଣକ ସେତେବେଳେ କେବଳ ପାଂଚ ମିନିଟ ପାଇଁ ଆସିଥିଲେ, ନିଜର ସଂକ୍ଷିପ୍ତ ଅଭିଭାଷଣ ପରେ ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ଜ୍ଞାନବର୍ଦ୍ଧକ ଅଭିଭାଷଣ ଶୁଣିବାକୁ ବସିଲେ, ଆଉ ଉଠିପାରିଲେ ନାହିଁ । ସମ୍ପୁର୍ଣ୍ଣ ଅଭିଭାଷଣଟିକୁ ହିଁ ଶୁଣିଲେ । ତା'ପରେ ପୁଣି ଅଧଘଂଟା ପର୍ଯ୍ୟନ୍ତ ସେଠାରେ ଥିବା ସ୍ୱତନ୍ତ୍ର ଟେଂଟ ଭିତରେ ବସି ରହିଲେ ଏବ ଅତ୍ୟନ୍ତ ପ୍ରଭାବିତ ହୋଇ ଏକଥା କହି ଲେଉଟିଗଲେ ଗଲେ କି, ଯଦି କିଛି କାମ ମୋ ପାଖରେ ଆପଣଙ୍କର ଅଛି ତାହେଲେ କହିବେ ମୁଁ ଉପସ୍ଥିତ ହୋଇଯିବି ।

ପୁଣି ଏହି ମେୟର ଜଣକ ଦଶ ଅକ୍ଟୋବର ୨୦୦୮ ମସିହାରେ ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ମୁବାରକ୍ ଫ୍ରାନ୍ସର ଉଦ୍‌ଘାଟନ କରୁଥିଲେ, ସେ ଉପସ୍ଥିତ ଥିଲେ ଏବଂ ଆଜି ମଧ୍ୟ ପୁଣି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାଇଁ ଆସିଥିଲେ । ସେ କହିଲେ ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦେଖି ବହୁତ ଖୁସି ହେଲି ତେଣୁ ହଜୁରଙ୍କ ସହିତ ସାକ୍ଷାତ କରିବାପାଇଁ ଆସିଛି ।

ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରିଲେ, ଆପଣଙ୍କର କାମ କିପରି ଚାଲିଛି ଏଥିରେ ମେୟର ସାହେବ କହିଲେ ଆମର ଯେଉଁ ଇଲାକା ଅଛି ତାହା ଏକ କସ୍‌ବା ସଦୃଶ ସବୁକିଛି ଠିକ୍‌ଠାକ୍ ଅଛି ପୁଣି ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ମେୟର ସାହେବ କହିଲେ ଯେ, ତାଙ୍କୁ ଏହି ପୋଷ୍ଟରେ ରହିବାକୁ ୨୫ ବର୍ଷ ହୋଇଗଲାଣି । କିନ୍ତୁ ଏହି ଟର୍ମ ପରେ ଏବେ ମୁଁ ଏ କାମକୁ ଶେଷ କରିବି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: କଣ ଆପଣ ଥକି ଗଲେ କି ବା ଆସନ୍ତାକୁ ପାର୍ଲାମେଂଟ ଯିବାକୁ ଚାହୁଁଛନ୍ତି ଏଥିରେ ସେ କହିଲେ, କିଛି ନ କିଛି ତ କରିବି କିନ୍ତୁ ଏବେ ରାଜନୀତି କରିବାକୁ ଚାହୁଁନାହିଁ ।

ମେୟର ସାହେବ କହିଲେ ଯେ ଏବେ ମୁଁ ମୋ ନିଜ ଇଲାକାରେ ଅଧିକ ଧ୍ୟାନ ସବୁଜିମା (Grenery) ଉପରେ କେନ୍ଦ୍ରିତ କରୁଛି । ଆମେ ଚାହୁଁଛୁ ଯେ, ସେଥିରେ କୌଣସି କୃତ୍ରିମ ସାର ପ୍ରୟୋଗ କରିବୁନାହିଁ । ୨୦୦୮ ମସିହାଠାରୁ ମୁଁ ସାର ଜିନିଷଗୁଡ଼ିକ ସ୍କୁଲଗୁଡ଼ିକରେ ରଖିବାପାଇଁ ମନା କରିଦେଇଛି । ତେଣୁ ଅପ୍ରାକୃତିକ ସାରକୁ ସ୍କୁଲ୍‌ରେ ନ ରଖି ପ୍ରାକୃତିକ ସାରଗୁଡ଼ିକୁ ସ୍କୁଲ୍ ଗୁଡ଼ିକରେ ଯୋଗାଇ ଦେଉଅଛୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅନ୍ୟମାନଙ୍କୁ ମଧ୍ୟ ଏକଥା କୁହନ୍ତୁ ।

ମେୟର ସାହେବ କହିଲେ ଯେ, ପ୍ରତିବର୍ଷ ଆରମ୍ଭରେ ଯମାତ୍ ଅହେମଦୀୟା ବିଭିନ୍ନ ଇଲାକାରେ ଯାଇ ସଫେଇ କାର୍ଯ୍ୟ କରିଥାଏ । ଏ ଇଲାକାରେ ମଧ୍ୟ ଯମାତ୍ ଅହେମଦୀୟା ଏ କାର୍ଯ୍ୟରେ ଆମକୁ ବହୁତ ସାହାଯ୍ୟ କରୁଛି । ବିନା ପାରିଶ୍ରମିକରେ କାମ କରୁଛନ୍ତି । ପାର୍କଗୁଡ଼ିକର ସଫେଇ କାର୍ଯ୍ୟ ମଧ୍ୟ କରୁଛନ୍ତି ।

ଅମୀର ସାହେବ ଫ୍ରାନ୍ସ ମଧ୍ୟ କହିଲେ ଯେ, ମେୟର ସାହେବ୍ ପ୍ରତ୍ୟେକ ସ୍ଥାନରେ ଯମାତ୍‌ର ସାହାଯ୍ୟ କରୁଛନ୍ତି ଓ ଯମାତ୍‌ର ସପକ୍ଷରେ କଥା କହିଥାନ୍ତି ।

ମେୟର ସାହେବ କହିଲେ, ମତେ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏତେ ମାତ୍ରାରେ ଆନନ୍ଦ ଲାଗୁଛି ଯେ ଯମାତ୍ ଅହେମଦୀୟା ମୋ ଇଲାକାରେ ଅଛି ମୁଁ ଅନ୍ୟ କାହା ଉପରେ ଭରଷା କରେନାହିଁ କେବଳ ଯମାତ୍ ଅହେମଦୀୟା ଉପରେ ଭରଷା କରିଥାଏ । ମୁଁ ଏକଥା ଜାଣିଛି ଯେ, କିଏ ମତେ କିଛି ଦେଉ ବା ନ ଦେଉ କିନ୍ତୁ ମୁଁ ଯମାତ୍ ଅହେମଦୀୟା ଠାରୁ ଯେବେବି କିଛି ସାହାଯ୍ୟ ମାଗିଛି ଯମାତ୍ ମତେ ଦେଇଛି ଓ ଆସନ୍ତାକୁ ମଧ୍ୟ ଦେବ । ମେୟର ସାହେବ କହିଲେ ଯେ, ମୋର ସମଗ୍ର ସହରଟି ଯମାତ୍ ଅହେମଦୀୟା ଭଲ ପାଉଛି କେବଳ ମୁଁ ହିଁ ନୁହେଁ ବରଂ ସମସ୍ତେ ଭଲ ପାଉଛନ୍ତି ।

ପ୍ଲାଷ୍ଟିକ ମୁଣାକୁ ବ୍ୟାନ କରିବା ସମ୍ବନ୍ଧରେ କଥା ହେଲେ, ଏଥିରେ ମେୟର ସାହେବ କହିଲେ ଯେ, ମୋର ଯେତିକି ପରିଧି ରହିଛି ମୁଁ ଚାରିଆଡ଼େ ତାକୁ ନିଷିଦ୍ଧ କରିଦେଇଛି ବାକି ଏବେ ତାହା ଉପରେ ବହୁତ କାମ କରିବାକୁ ଅଛି । କାରଣ ଦୋକାନ ଇତ୍ୟାଦିରେ ମଧ୍ୟ ଏହାକୁ ବ୍ୟବହାର କରାଯାଉଅଛି ।

ହଜୁର ଅନଓ୍ଵର ଅ:ବ:ଅ କହିଲେ, ଅଧା ଦୁନିଆରେ ଯେଉଁ ପ୍ରଦୁଷଣ ହେଉଅଛି ତାହା ଏହି ପ୍ଲାଷ୍ଟିକ ଯୋଗୁଁ ହିଁ ହେଉଛି କାରଣ ସମୁଦ୍ରରେ ନେଇ ଅଳିଆ ଆବର୍ଜନା ଫିଙ୍ଗୁଛନ୍ତି ସେହିଭଳି କାରଖାନାଗୁଡ଼ିକର ମଇଳା ମଧ୍ୟ ସମୁଦ୍ର ଭିତରକୁ ଛାଡୁଛନ୍ତି । ତେଣୁ ସମୁଦ୍ର ଭିତରେ ଥିବା ପ୍ରାଣିମାନଙ୍କୁ ଏହାଦ୍ୱାରା ବହୁତ କ୍ଷତି ପହଂଚୁଛି ।

ମେୟର ସାହେବ କହିଲେ, ମୁଁ ଜାଣିଛି ଯେ ଆପଣଙ୍କ ଯମାତ୍ ବୃକ୍ଷରୋପଣ କାର୍ଯ୍ୟରେ ସବୁବେଳେ ଲାଗି ରହିଛି ।

ହଜୁର ଅନଓ୍ଵର ଅ:ବ:ଅ କହିଲେ, ଜଙ୍ଗଲଗୁଡ଼ିକରୁ ଯେଉଁ ଗଛଗୁଡ଼ିକ କାଟି ଦିଆଯାଉଅଛି ସେଥିପାଇଁ ମଧ୍ୟ ପରିବେଶ କିଛିଟା ଖରାପ ହେଉଅଛି ଓ ବାକି ଏବେ ପ୍ଲାଷ୍ଟିକ ସର୍ବନାଶ କରିଦେବ ।

ଏଥିରେ ମେୟର ସାହେବ କହିଲେ, ଏହା ଶତପ୍ରତିଶତ ଠିକ୍ କଥା । ପୁଣି ମେୟର ସାହେବ କହିଲେ, ହଜୁର ତ ସାରା ଦୁନିଆରେ ଭ୍ରମଣ କରୁଛନ୍ତି ତେଣୁ ଆପଣ ଆମକୁ ସାହାଯ୍ୟ କରନ୍ତୁ ଏଥିରେ ହଜୁର ଅନଓ୍ଵର ଅ:ବ:ଅ କହିଲେ, ଆମେ ଆପଣଙ୍କୁ ସାହାଯ୍ୟ କରିବୁ ଓ ଆପଣଙ୍କ ଇଲାକାକୁ ଡ଼େଭଲପ କରିବାପାଇଁ ସହଯୋଗ କରିବୁ । ଏଥିରେ ମେୟର ସାହେବ କହିଲେ, ଯମାତ୍ ଆମକୁ ବହୁତ ସାହାଯ୍ୟ କରୁଅଛି ମୁଁ ତେ କେବଳ ପ୍ରେମ ଓ ଭଲ ପାଇବା ଉଦ୍ଦେଶ୍ୟରେ ଏଠାକୁ ଆସିଛି ଏଥିରେ ହଜୁର ଅନଓ୍ଵର ଅ:ବ:ଅ କହିଲେ, ଆମେ ଯେଉଁଠାରେ ହିଁ ରହିଥାଉ ସେଠାରେ ପରିସ୍ଥିତିକୁ ଦେଖି ସାହାଯ୍ୟ କରିଥାଉ । ଯମାତ୍ ପ୍ରତ୍ୟେକ ସ୍ଥାନରେ ଏହି ଉନ୍ନତି ମୁଳକ କାର୍ଯ୍ୟ କରିଥାଏ । ଏଥିରେ ମେୟର ସାହେବ କହିଲେ, ମୁଁ ତ ଏଠାକୁ କେବଳ ହଜୁରଙ୍କୁ ଦେଖିବାକୁ ଆସିଛି ।

ହଜୁର ଅନଓ୍ଵର ଅ:ବ:ଅ କହିଲେ ଆପଣଙ୍କ ସହିତ ସାକ୍ଷାତ କରି ବହୁତ ଖୁସି ଲାଗିଲା ଆପଣ ୧୧ ବର୍ଷ ପରେ ସାକ୍ଷାତ କରିଛନ୍ତି ଏବଂ ମତେ ମନେ ରଖିଛନ୍ତି ଆପଣଙ୍କୁ ଧନ୍ୟବାଦ ।

ମେୟର ସାହେବ କହିଲେ ଯେ, ହଜୁର ଅନଓ୍ଵର ଅ:ବ:ଅ ସାରା ଦୁନିଆରେ ଯେଉଁଭଳି ଶାନ୍ତି ପ୍ରତିଷ୍ଠା ଦିଗରେ ଚେଷ୍ଟା କରିଚାଲିଛନ୍ତି ଏହା ଦ୍ୱାରା ଆପଣ ଖୁବ୍ ଶିଘ୍ର ଏହି କାର୍ଯ୍ୟକୁ ଆଗକୁ ନେଇଯିବେ । ହଜୁର ଅନଓ୍ଵର ଅ:ବ:ଅଙ୍କ ଭିତରେ ମୁଁ ଯାହା କିଛି ଦେଖୁଅଛି ତାହା ଦୁନିଆରେ ଆଉ କେଉଁଠାରେ ମତେ ଦେଖାଯାଉନାହିଁ । ଇସ୍‌ଲାମ୍ ଉପରେ ଯେଉଁ ଦାଗ ଲଗାଯାଉଅଛି ତାକୁ ଧୋଇବା ପାଇଁ ଚେଷ୍ଟା କରିବା ଉଚିତ । ଏଥିରେ ହଜୁର ଅନଓ୍ଵର ଅ:ବ:ଅ କହିଲେ, ଆମେ ଏହା ତ କରୁଅଛୁ । ତଳ ଲେବୁଲ୍‌ରେ କାମ ହୋଇଥାଏ ପୁଣି ଏହା ବ୍ୟାପି ଯାଇଥାଏ ପ୍ରତ୍ୟେକ ଅହେମଦୀ ଏହି କାର୍ଯ୍ୟକୁ କରିଚାଲିଛନ୍ତି ଶାନ୍ତି ପ୍ରତିଷ୍ଠା ପାଇଁ ଆମେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରିଥାଉ ଏବଂ ଇସ୍‌ଲାମ୍‌ର ପ୍ରକୃତ ଚେହେରାକୁ ଉପସ୍ଥାପନ କରିଥାଉ ।

ମେୟର ସାହେବ କହିଲେ, ଆମର ଏହି ଟାଉନ୍‌ର ଲୋକ ସଂଖ୍ୟା ହେଉଛନ୍ତି ୭ ହଜାର ପ୍ୟାରିସ୍‌ର ରିଜିଓନ୍ ହିସାବରେ ଏହା ହେଉଛି ଗୋଟିଏ ଛୋଟ ଇଲାକା ଓ କିଛି ଲୋକ ଏଠାରୁ କାମ ଧନ୍ଦା ଅନେଷ୍ୱଣରେ ପ୍ୟାରିସ୍ ଚାଲିଯାଉଛନ୍ତି ।

ଏଥିରେ ହଜୁର ଅନଓ୍ଵର ଅ:ବ:ଅ କହିଲେ, ଯେଉଁ ଲୋକମାନେ ଏଠାରୁ ଚାଲିଯାଉଛନ୍ତି ସେମାନଙ୍କ ପାଇଁ ଯଦି ଏଠାରେ ଫ୍ଲାଟ ଟାଇପ୍‌ର ଶସ୍ତା ଘର ନିର୍ମାଣ କରାଯିବ ସେମାନେ ଏଠାରେ ଆସି ରହିବେ ଓ ଲୋକ ସଂଖ୍ୟା ମେଂଟେନ୍ ହୋଇ ଚାଲିବ ।

ଏଥିରେ ମେୟର ସାହେବ କହିଲେ ମୋର ଏ ଚେଷ୍ଟା ଯେ ଯଦି କୌଣଦି ଗରିବ ଅଛନ୍ତି ତେବେ ଆମେ ଘର ଦେବୁ । ଛୋଟ ଛୋଟ ଶସ୍ତା ଘର ନିର୍ମାଣ କରିଦେବୁ ।

ହଜୁର ଅନଓ୍ଵର ଅ:ବ:ଅ କହିଲେ, ଏବେ ଏମିତି ଯୁଗ ଆସିଯାଇଛି ଲୋକମାନେ ଛୋଟ ଛୋଟ ଘର ବନାଇବାକୁ ଚାହୁଁଛନ୍ତି । ଯଦ୍ୱାରା ସେମାନେ ଏହାକୁ ମେଂଟେନ କରିପାରିବେ । ଏବେ ବଡ଼ ବଡ଼ ଘରକୁ ସମ୍ଭାଳିବା ବହୁତ ମୁସ୍କିଲ୍ ହୋଇଗଲାଣି ତେଣୁ ଲୋକମାନେ ଏଠାରେ ବଡ଼ ବଡ଼ ଘରକୁ ବିକ୍ରି କରିଦେଉଛନ୍ତି । ଏଥିରେ ମେୟର ସାହେବ କହିଲେ, ହଜୁର ଅନଓ୍ଵର ଅ:ବ:ଅ ଯାହା କହୁଛନ୍ତି ତାହା ବିଲ୍‌କୁଲ୍ ଠିକ୍ କଥା ମୋର ମଧ୍ୟ ଏହି ଚିନ୍ତାଧାରା ତେଣୁ ମୁଁ ମଧ୍ୟ ଏ ସମ୍ବନ୍ଧରେ କାମ ଜାରି ରଖିଛି । ଏଥିରେ ହଜୁର ଅନଓ୍ଵର ଅ:ବ:ଅ କହିଲେ, ଈଶ୍ୱର ଆପଣଙ୍କୁ ସଫଳତା ପ୍ରଦାନ କରନ୍ତୁ ।

ମେୟର ସାହେବଙ୍କର ହଜୁର ଅନଓ୍ଵର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ୮:୪୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ।

ଶେଷରେ ମେୟର ସାହେବ ହଜୁର ଅନଓ୍ଵର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ତା'ପରେ ହଜୁର ଅନଓ୍ଵର ଅ:ବ:ଅ ମସ୍‌ଜିଦ୍ ମୁବାରକ୍‌ରେ ପଦାର୍ପଣ କରି ମଗ୍‌ରିବ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ଵର ଅ:ବ:ଅ ନିମ୍ନଲିଖିତ ତିନୋଟି ନିକାହ୍‌ର ଏଲାନ୍ (ଘୋଷଣା) କଲେ ।

**ଏଲାନେ ନିକାହ୍ (ନିକାହ୍ ଘୋଷଣା)**

ହଜୁର ଅନଓ୍ଵର ଅ:ବ:ଅ ପ୍ରଚଳିତ ଖୁତ୍‌ବା ନିକାହ୍ ପାଠ କରିବାପରେ କହିଲେ ମୁଁ କିଛି ନିକାହ୍‌ର ଏଲାନ କରିବି ।

ହଜୁର ଅନଓ୍ଵର ଅ:ବ:ଅ ମସ୍‌ନୁନାଃ (ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ପ୍ରଚଳିତ) ଖୁତ୍‌ବା ନିକାହ ପରେ କହିଲେ: ମୁଁ ଏବେ କିଛି ନିକାହର ଘୋଷଣା କରିବି ।

ଅଜିଜାଃ ଜୋହ୍‌ରାଃ କଓ୍ୱଁଲ୍ ସୁପୁତ୍ରୀ ମୋକରମ୍ ଅହ୍‌ମଦ୍ ଅସ୍‌ଲମ୍ ସାହେବ (ବେଲ୍‌ଜିୟମ)ଙ୍କ ନିକାହ ଅଜିଜମ୍ କାସିମ୍ ଅବ୍‌ବାସ୍ ବାଜ୍‌ୱା ସୁପୁତ୍ର ମୋକରମ୍ ନଦିମ୍ ଅବ୍‌ବାସ୍ ବାଜ୍‌ୱା ସାହେବ (ବେଲ୍‌ଜିୟମ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜାଃ ଦାନିୟା ନସିର୍ ସୁପୁତ୍ରୀ ମୋକରମ୍ ନସିର୍ ଅହ୍‌ମଦ୍ ସାହେବ (ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଏହ୍‌ତେଶାମ୍ ଅହ୍‌ମଦ୍ ସୁପୁତ୍ର ମୋକରମ୍ ଜୁଲ୍‌ଫିକାର ଅଲି ସାହେବ (ଫ୍ରାନ୍ସ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜାଃ ଶହ୍‌ଜୀନ୍ ଖାଲିଦ୍ ସୁପୁତ୍ରୀ ମୋକରମ୍ ଖାଲିଦ୍ ମସ୍‌ଉଦ୍ ସାହେବ (ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଅନୀଲ୍ ଅହ୍‌ମଦ୍ ଅନସ୍ ସୁପୁତ୍ର ମୋକରମ୍ ଅନସ୍ ଅହ୍‌ମଦ୍ ସାହେବ୍ (ଫ୍ରାନ୍ସ)ଙ୍କ ସହିତ ଧାର୍ଯ୍ୟ ହେଲା ।

ନିକାହର ଏଲାନ୍ ହେବା ପରେ ହଜୁର ଅନଓ୍ଵର ଅ:ବ:ଅ କହିଲେ ''ଦୁଆ କରନ୍ତୁ ଅଲ୍ଲାଃ ତାଲା ଏହି ରିସ୍ତା (ବନ୍ଧୁ)କୁ ପ୍ରତି କ୍ଷେତ୍ରରେ ବାବର୍‌କତ୍ କରନ୍ତୁ । ପୁଣି ହଜୁର ଦୁଆ (ନୀରବ ପ୍ରାର୍ଥନା) କରାଇଲେ'' ।

ଏହାପରେ ହଜୁର ଅନଓ୍ଵର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୮ ଅକ୍ଟୋବର ୨୦୧୯ (ମଙ୍ଗଳବାର)**

ହଜୁର ଅନଓ୍ଵର ଅ:ବ:ଅ ଭୋର୍ ୬:୪୫ ମିନିଟରେ ମସ୍‌ଜିଦ୍ ମୁବାରକ୍‌ରେ ପଦାର୍ପଣ କରି ଫଜର ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ଵର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳରେ ହଜୁର ଅନଓ୍ଵର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ଵର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ୧୧:୪୫ ମିନିଟରେ ଫ୍ୟାମିଲି ସାକ୍ଷାତକାର କରିବା ନିମନ୍ତେ ହଜୁର ଅନଓ୍ଵର ଅ:ବ:ଅ ଆସିଲେ । ସର୍ବପ୍ରଥମେ ମସ୍‌ଜିଦ୍ ଭିତରେ ତିନୋଟି ଆରବୀ ପରିବାରର ୨୬ ଜଣ ସଦସ୍ୟ ହଜୁର ଅନଓ୍ଵର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

ସେମାନଙ୍କ ମଧ୍ୟରେ ଗୋଟିଏ ବଡ଼ ପରିବାରର ମୁଖିଆ ଅବ୍‌ଦୁଲ୍ ଗନି ବେଲାର୍‌ବି ସାହେବ୍ ଥିଲେ, ତାଙ୍କ ଫ୍ୟାମିଲିର ସମ୍ବନ୍ଧ ଅଲ୍‌ଜଜାଇର୍ ସହିତ ଥିଲା । ଅହେମଦୀ ହେବା ଯୋଗୁଁ ତାଙ୍କ ବିରୋଧରେ ଅଲ୍‌ଜଜାଇର୍‌ରେ ମୁକଦ୍ଦମା ଲଗାଯାଇଛି ଓ ତାଙ୍କୁ ଦଣ୍ଡ ମଧ୍ୟ ମିଳିଛି । ସେ ମହାଶୟ ବହୁତ ସାହାସିକତାର ସହିତ ସେହି ମୋକଦ୍ଦମାଗୁଡ଼ିକୁ ସମ୍ମୁଖିନ କରିଛନ୍ତି ।

ସେ ମହାଶୟ କହିଲେ ଯେ ମୋ ବାପା ସ୍ୱପ୍ନରେ ଦେଖିଛନ୍ତି ଯେ, ସେ ନିଜ ଗାଁରେ ଏକୁଟିଆ ଥିଲେ ଓ ଗେର୍ ଅହେମଦୀ ପରିବାରଗୁଡ଼ିକ ତାଙ୍କୁ ଛାଡ଼ି ଚାଲିଯାଉଛନ୍ତି । ଏହି ସମୟରେ ହଜୁର ଅନଓ୍ଵର ଅ:ବ:ଅ ସ୍ୱପ୍ନରେ ଆସି କହୁଛନ୍ତି ଚିନ୍ତା କରନାହିଁ, ଖୁଦାତାଲା ତୁମର ଏହି ଅବସ୍ଥାକୁ ଖୁବ୍ ଶିଘ୍ର ବଦଳାଇ ଦେବେ ।

ଅବ୍‌ଦୁଲ୍ ଗନି ସାହେବ୍‌ଙ୍କ ମାଆ ମଧ୍ୟ ଏହି ସାକ୍ଷାତକାର ସମୟରେ ଉପସ୍ଥିତ ଥିଲେ, ସେ କହିବାକୁ ଲାଗିଲେ ଯେ, ମୋ ପୁଅ ଝିଅମାନଙ୍କ ଉପରେ ଅହେମଦୀୟତ ଯୋଗୁଁ ଅଲ୍‌ଜଜାଇର୍‌ରେ ପୋଲିସ୍ କେଶ୍ ହୋଇଛି ଓ ଏମାନଙ୍କୁ ଚାରି ଚାରି ବର୍ଷର

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 19 Nov 2020 Issue No. 47

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୭ ଅକ୍ଟୋବର ୨୦୧୯ ସୋମବାରର ବଲକା ରିପୋର୍ଟ ୱାକିଫିନେ ନୌ ପିଲାମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

୬:୨୦ ମିନିଟରେ ୱାକିଫିନେ ନୌ ପିଲାମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ କ୍ଲାସ ଆରମ୍ଭ ହେଲା । ପ୍ରୋଗ୍ରାମର ସୁଭାରମ୍ଭ ପବିତ୍ର କୋରାନ୍ କରିମ୍‌ର ଆବୃତି ସହିତ ହେଲା । ଅଜିଜମ୍ ଶାୟାନ୍ ଅକ୍‌ରମ୍ ଆବୃତି କଲେ ଓ ତାହାର ଉର୍ଦ୍ଦୁ ଅନୁବାଦ ଅଜିଜମ୍ ଫରିଦ୍ ଅହେମଦ୍ ଓ ଫ୍ରେଂଚ୍ ଅନୁବାଦ ଅଜିଜମ୍ ହସନୈନ୍ ଅହେମଦ୍ ଉପସ୍ଥାପନ କଲେ । ତା'ପରେ ଅଜିଜମ୍ ଶର୍‌ଜିଲ୍ ଅହେମଦ୍ ଦାନିଶ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ମନ୍‌ଜୁମ୍ କଲାମ୍:

**ହର୍ ତରଫ୍ ଫିକର୍ କୋ ଦୌଡ଼ା କେ ଥକାୟା ହମ୍‌ନେ**
**କୋଇ ଦୀଁ ଦୀନେ ମୁହମ୍ମଦ ସା ନା ପାୟା ହମ୍‌ନେ**

ନଜମ୍‌ରୁ କିଛି ନିର୍ବାଚିତ ପଦଗୁଡ଼ିକୁ ସୁନ୍ଦର ସ୍ୱରରେ ପଢ଼ି ଶୁଣାଇଲେ । ତା'ପରେ ଅଜିଜମ୍ ସମୀର ଅହେମଦ୍ ଆଁ ହଜ୍‌ରତ୍ ସ:ଆ:ସଙ୍କର ଗୋଟିଏ ପବିତ୍ର ହଦୀସ୍‌କୁ ଉର୍ଦ୍ଦୁ ଏବଂ ଫ୍ରେଂଚ ଭାଷାରେ ଉପସ୍ଥାପନ କଲେ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପଚାରିଲି ଯେ, କେଉଁ କର୍ମ ଅଲ୍ଲାଃଙ୍କ ନିକଟରେ ସବୁଠାରୁ ଶ୍ରେଷ୍ଠକର୍ମ ଅଟେ ? ଏଥିରେ ସେ କହିଲେ, ଧାର୍ଯ୍ୟ ସମୟରେ ନମାଜ ପାଠ କରିବା । ପୁଣି ପଚାରିବାରେ କହିଲେ ତା'ପରେ ମାଆବାପାଙ୍କ ସହିତ ସଦ୍‌ବ୍ୟବହାର କରିବା ଏବଂ ପୁଣି ଅଲ୍ଲାଃ ତାଲାଙ୍କ ମାର୍ଗରେ ଜିହାଦ୍ କରିବା ।

ତା'ପରେ ଅଜିଜମ୍ ତୌସିଫ୍ ଅହେମଦ୍ ଅଲ୍‌ଓ୍ୱସିୟତ ପ୍ରତ୍ରିକାରୁ ହଜ୍‌ରତ୍ ମସିହ ମଉଦ ଆ:ସଙ୍କର ଗୋଟିଏ ପାରା ଉପସ୍ଥାପନ କଲେ ଏବଂ ଅଜିଜମ୍ ଇଦ୍‌ରିସ୍ ହଦଓ୍ୱି ଏହାର ଫ୍ରେଂଚ ଅନୁବାଦ ଶୁଣାଇଲେ ।

ଏହା ଖୁଦାତାଲାଙ୍କର ସୁନ୍ନତ ଅଟେ ଓ ଯେବେଠାରୁ ସେ ଏ ପୃଥିବୀରେ ମଣିଷକୁ ସୃଷ୍ଟି କଲାଣି ଏହି ସୁନ୍ନତକୁ ସେ ପ୍ରକାଶ କରିଆସୁଅଛି ଯେ, ସେ ନିଜର ନବୀ ଏବଂ ରସୁଲ୍‌ମାନଙ୍କୁ ସାହାଯ୍ୟ କରିଆସୁଅଛି ଏବଂ ସେମାନଙ୍କୁ ବିଜୟ ପ୍ରଦାନ କରିଥାଏ ଯେମିତି କି ଅଲ୍ଲାଃ ତାଲା କହୁଛନ୍ତି: **କତବଲ୍ଲାହୁ ଲଅଗଲିବନ୍ନା ଆନା ଓ୍ୱରୁସୁଲି** **(ଅଲମୁଜାଦଲା:୨୨)** ଗଲବା (ବିଜୟ)ର ଅର୍ଥ ହେଉଛି ଏହା କି, ଯେମିତି କି ନବୀ ଓ ରସୁଲ୍‌ମାନଙ୍କର ଏ ଆନ୍ତରିକ ଇଚ୍ଛା ଯେ, ଖୁଦାଙ୍କର ବାଣୀ ଏ ପୃଥିବୀରେ ପ୍ରକାଶ ପାଉ ଓ ତାହାର ମୁକାବିଲା କେହି ନ କରିପାରନ୍ତୁ ସେହିଭଳି ଖୁଦାତାଲା ତାହାର ଶକ୍ତିଶାଳୀ ନିର୍ଦ୍ଦଶନ ଦ୍ୱାରା ତାହାଙ୍କ ସତ୍ୟତା/ସଦାଚାରୀକୁ ପରିପ୍ରକାଶ କରିଥାଏ ଏବଂ ଯେଉଁ ସତ୍ୟକୁ ସେ ଏ ପୃଥିବୀରେ ପ୍ରସାର କରିବାକୁ ଚାହିଁଥାଏ ତାହାର ବୀଜରୋପଣ ସେ ସେମାନଙ୍କ ହାତରେ ହିଁ କରିଦେଇଥାଏ । କିନ୍ତୁ ସେମାନଙ୍କ ହାତରେ ସେ ତାହାକୁ ସମ୍ପୁର୍ଣ୍ଣ କରିନଥାଏ ବରଂ ଏଭଳି ସମୟରେ ସେମାନଙ୍କୁ ମୃତ୍ୟୁ ଦେଇଥାଏ ଯେତେବେଳେ ଏମିତି ଲାଗୁଥାଏ ଯେ, ଯେମିତି ଅସଫଳତା ଓ ଭୟର ବାତାବରଣ ସୃଷ୍ଟି ହୋଇଯାଇଛି ଓ ବିରୋଧିମାନେ ଥଟ୍ଟା ପରିହାସ କରିବାର ମୌକା ମିଳିଯାଇଛି । ଯେତେବେଳେ ସେହି ବିରୋଧିମାନେ ଥଟ୍ଟା ପରିହାସ କରିସାରିଥାନ୍ତି ସେତେବେଳେ ପୁଣି ଈଶ୍ୱର ତା' ନିଜର ଦ୍ୱିତୀୟ ଶକ୍ତିକୁ ଦେଖାଇଥାଏ ଓ ଏଭଳି ସାଧନ ସୃଷ୍ଟି କରିଦେଇଥାଏ ଯାହା ଜରିଆରେ ତାହାଙ୍କର ଯେଉଁ ଉଦ୍ଦେଶ୍ୟଗୁଡ଼ିକ ଅସମ୍ପର୍ଣ୍ଣ ରହିଯାଇଥିଲା ତାହା ସମ୍ପୁର୍ଣ୍ଣ ହୁଏ । ଅତଏବ ଈଶ୍ୱର ଦୁଇ ପ୍ରକାରର ଶକ୍ତିକୁ ପରିପ୍ରକାଶ କରିଥାନ୍ତି । (୧) ପ୍ରଥମତଃ ସେ ସ୍ୱୟମ୍ ନବୀମାନଙ୍କ ହାତରେ ନିଜ ଶକ୍ତିକୁ ପିରପ୍ରକାଶ କରିଥାଏ । (୨) ଦ୍ୱିତୀୟତଃ ଏମିତି ସମୟରେ ଯେତେବେଳେ ନବୀଙ୍କର ଦେହାନ୍ତ ହୋଇଯିବା ପରେ ଅସ୍ଥିରତା ସୃଷ୍ଟି ହେବାକୁ ଥାଏ ଓ ଶତ୍ରୁମାନେ ମୁଣ୍ଡ ଟେକିଥାନ୍ତି ଓ ଏକଥା ଭାବିଥାନ୍ତି ଯେ, ଏବେ ଏ କାର୍ଯ୍ୟ ସବୁ ବିଗିଡ଼ିଗଲା ଏବଂ ସେମାନେ ଏକଥା ନିଶ୍ଚିତ କରିନେଇଥାନ୍ତି ଯେ, ଏ ଯମାତ୍ ବର୍ତମାନ ଶେଷ ହୋଇଯିବ ସେହିପରି ଖୁଦ୍ ଯମାତ୍‌ର ଲୋକମାନେ ମଧ୍ୟ ଦ୍ୱନ୍ଦରେ ପଡିଯାଇଥାନ୍ତି ଓ ସେମାନଙ୍କର ଅଂଟା ଭାଙ୍ଗି ଯାଇଥାଏ ଓ କେତେକ ଅଭାଗା ମର୍‌ତଦ୍ (ଧର୍ମପରିତ୍ୟାଗ) କରିବାର ରାସ୍ତାକୁ ଆପଣାଇ ନେଇଥାନ୍ତି । ଏହିଭଳି ଘଡ଼ିସନ୍ଧି ମୁହୁର୍ତରେ ପୁଣି ଦ୍ୱିତୀୟଥର ନିଜର ଶକ୍ତିଶାଳୀ କୁଦ୍‌ରତ୍ କୁ ପ୍ରକାଶ କରିଥାଏ ଓ ପଡ଼ିଯାଉଥିବା ଯମାତ୍‌କୁ ସମ୍ଭାଳି ନିଏ । ଅତଏବ ଯିଏ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବ ସେ ହିଁ ଚମତ୍କାରକୁ ଦେଖିବ ଯେମିତି ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅଙ୍କ ସମୟରେ ହେଲା । ଆଁ ହଜ୍‌ରତ୍ ସ:ଆ:ସଙ୍କ ମୃତ୍ୟୁକୁ ଏକ ଅସମୟ ମୃତ୍ୟୁବୋଲି ବିବେଚନା କରାଗଲା ଫଳତଃ ଅବୋଧ ଗାଉଁଲି ଲୋକମାନେ ମୁର୍‌ତଦ୍ (ଧର୍ମ ପରିତ୍ୟାଗ) ହୋଇଗଲେ ଏବଂ ସାହାବାମାନେ ମଧ୍ୟ ଦୁଃଖରେ ଭାଙ୍ଗି ଯାଇ ପାଗଳ ସଦୃଶ ହୋଇଗଲେ । ଏତିକି ବେଳେ ଖୁଦାତାଲା ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅଙ୍କୁ ଛିଡ଼ା କରାଇ ପୂର୍ନବାର ନିଜ ଶକ୍ତିର ପ୍ରଦର୍ଶନ କଲେ ଏବଂ ଇସ୍‌ଲାମ୍‌କୁ ଧ୍ୱସଂ ମୁଖରୁ ବଂଚାଇ ନେଲେ ଏବଂ ଅଲ୍ଲାଃ ତାଲା ତାହାର ଏହି ପ୍ରତିଶୃତିକୁ ପୁରଣ କଲେ । ଅର୍ଥାତ **ଓ୍ୱଲ୍‌ୟୁମକ୍କିନନ୍ନା ଶହୁମ୍ ଦିନହମୁଲ୍ ଲଜିର୍ ତଜା ଲହୁମ୍ ଓ୍ୱଲ୍‌ୟବୁଦିଲନ୍‌ନହୁମ୍ ମିମ୍ ବାଦି ଖୌଫିହିମ୍ ଅମ୍‌ନା** ଅର୍ଥାତ ଭୟର ବାତାବରଣ ପରେ ପୁଣି ଆମ୍ଭେ ସେମାନଙ୍କ ପାଦକୁ ଦୃଢ଼ତା ପ୍ରଦାନ କରିବୁ । ***(ରିସାଲା ଅଲ୍‌ଓ୍ୱସିୟତ୍ ରୁହାନୀ ଖଜାଇନ୍ ଖଣ୍ଡ-୨୦, ପୃ-୩୦୪-୩୦୫)***

ଅଜିଜମ୍ ଫାରିସ୍ ଅହେମଦ୍, ତିଲାଲ୍ ଅହେମଦ୍, ହାଶିମ୍ ଇଶ୍‌ତିୟାକ୍ ଏବଂ ମଗ୍‌ଫୁର୍ ଅହେମଦ୍ ମିଶି ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ କସିଦାରୁ ପାଂଚଟି ପଦ ପଢ଼ି ଶୁଣାଇଲେ ।

ତା'ପରେ ଡ଼ାକ୍ତର ତଲ୍‌ହା ରଶିଦ୍ ସାହେବ ନିମ୍ନଲିଖିତ ପ୍ରେଜେଂଟଶେସନ୍ ଉପସ୍ଥାପନ କଲେ । ଡ଼ିଏନ୍‌ଏରେ ସାଧାରଣ ପରବର୍ତନ ହେବାଦ୍ୱାରା ଗୋଟିଏ ନିସ୍କର୍ମ ପ୍ରୋଟିନ ସୃଷ୍ଟି ହେବାର କାରଣ ହୋଇଥାଏ । ତାହାର କିଛି ସାଘାଂତିକ ଫଳ ବି ବାହାରିପାରେ । କାରଣ ଏହି ପ୍ରୋଟିନ୍ ସେଲ୍ ଭିତରେ ରହି ନିଜର ଭୂମିକ ନିର୍ବାହ କରିବନାହିଁ । ୨୦୦୮ ମସିହାରେ ପିଲାମାନଙ୍କ ଡ଼ିଏନ୍‌ଏରେ ଏଭଳି ଏକ ପରିବର୍ତନ ଦେଖାଗଲା ଯଦ୍ୱାରା Rhabdo Myomysis ଫଳତ ଏହି ରୋଗ ସୃଷ୍ଟି ହୋଇଥିଲା । ଏହା ରକ୍ତକଣିକାରେ ମିଶି ହୃଦୟ ଏବଂ ବୃକକ କୁ ପ୍ରଭାବିତ କରିପାରେ । ଅର୍ଥାତ ହାର୍ଟଆଟାକ ବା କିଡ଼ିନିକୁ ଅକାମି କରିବାର କାରଣ ମଧ୍ୟ ହୋଇଥାଏ । ଯଦି ଏହାର ପ୍ରଭାବ ଅଧିକ ବଢ଼ିଯାଏ ତେବେ ମୃତ୍ୟୁ ମଧ୍ୟ ହୋଇପାରେ । ଏହି Rhabdo Myomysis ର ବିଭିନ୍ନ କାରଣ ହୋଇପାରେ ଉଦାହରଣ ସ୍ୱରୁପ ଇଂନ୍‌ଫେକସନ୍, ନିଶାସେବନ, ଜ୍ୱର, ବହୁଦିନ ପର୍ଯ୍ୟନ୍ତ ଉପାସ ରହିବା ବା ଜିନ୍ ପରିବର୍ତନ ଯୋଗୁଁ ସୃଷ୍ଟି ହୋଇପାରେ । ମୁଳତଃ ଏହି ସମସ୍ତ ଜିନିଷ ମଣିଷ ଭିତରେ ମହ୍‌ଜୁଦ୍ ଥିବା ଜିନ୍ LPIN-1 କୁ ପ୍ରଭାବିତ କରିଥାଏ । ତେଣୁ ଏହି ରୋଗ ସୃଷ୍ଟି ହୋଇଥାଏ । ପ୍ୟାରିସ୍‌ର ଡ଼ାକ୍ତରଖାନା ଗୁଡ଼ିକରେ ଏପରି କିଛି ପିଲାମାନଙ୍କୁ ଚିକିତ୍ସା ପାଇଁ ଅଣାଗଲା ଯେଉଁମାନଙ୍କ LPIN-1 ଉପରେ ଏହି ରୋଗର ଆକ୍ରମଣ ବହୁତ ଭୀଷଣଭାବେ ହୋଇଥିଲା । ଏହା ଛଅବର୍ଷରୁ କମ୍ ବୟସର ପିଲାମାନଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲା । ଯଦ୍ୱାରା ୩୦ ପ୍ରତିଶତ କେସ୍‌ରେ ପିଲାମାନଙ୍କର ମୃତ୍ୟୁ ହୋଇଯାଉଥିଲା ।

ମେଡ଼ିକାଲ୍ ଟିମ୍ ଏହିକଥାକୁ ବୁଝିବାପାଇଁ ଅସମର୍ଥ ଥିଲା ଯେ, ଏହି ରୋଗ କିଭଳି ଭାବେ LPIN-1 ଜିନ୍‌କୁ ପ୍ରଭାବିତ କରୁଅଛି । ସେଠାରେ ଗୋଟିଏ ବିଶେଷ ପ୍ରକାରର ଚର୍ବି ସୃଷ୍ଟି ହୋଇ ରକ୍ତକଣିକା ଭିତରେ ପ୍ରବେଶ କରୁଥିଲା ଓ ତାହା ଯାଇ ମାଂସପେଶୀକୁ ପ୍ରଭାବିତ କରୁଥିଲା...... ଯେତେବେଳେ ଆମେ ମଣିଷର ମାଂସପେଶୀର ନମୁନାକୁ ପରୀକ୍ଷଣ କରିଥାଉ ସେତେବେଳେ ଆମେ ଦେଖିବାକୁ ପାଇଥାଉ ଯେ, ନିଷ୍କର୍ମ LPIN-1 ପ୍ରୋଟିନ ଥିବା ପିଲାମାନଙ୍କ ମାଂସପେଶୀରେ ବହୁତ ଚର୍ବି ଏକାଠି ହୋଇଯାଇଥାଏ ଏହାକୁ ବିଶ୍ଳେଷଣ କରିବାପାଇଁ ଆମେ ଗୋଟିଏ ମୁଷା ଉପରେ ପରୀକ୍ଷଣ କଲୁ ସେହି ମୁସା ତା'ସହିତ ମିଶୁଥିବା ରୋଗ ସୃଷ୍ଟିକଲା ଆମେ ଏପରି ଏକ ମାଉସ୍ ମଡ଼େଲ୍ ତିଆରି କରିବାପାଇଁ ସମର୍ଥ ହୋଇଗଲୁ ଯାହା ମଧ୍ୟରେ ସେହି ରୋଗ ସମ୍ବନ୍ଧିୟ ଲକ୍ଷଣ ମହ୍‌ଜୁଦ୍ ଥିଲା ଆମେ ଦେଖିବାକୁ ପାଇଲୁ ଯେ, ଆଶ୍ଚର୍ଯ୍ୟ ଜନକ ଭାବେ ଆମେ ମୁସାମାନଙ୍କର ମାଂଶପେଶୀରେ ଚର୍ବି ଏକାଠି ହେବାର ପାଇଲୁ ।

ଆମେ ତିନିବର୍ଷ ମଧ୍ୟରେ ବହୁତଗୁଡିଏ ପରୀକ୍ଷା ନିରୀକ୍ଷା କଲୁ ଏବଂ ଜାଣିବାକୁ ପାଇଲୁ ଯେ, LPIN-1 ପ୍ରୋଟିନ୍ ର ଅନୁପସ୍ଥିତ ଯୋଗୁଁ ରକ୍ତକଣିକାର ଗୋଟିଏ କଣିକା ପ୍ରଭାବିତ ହୋଇଥିଲା । ସେଲ୍‌ର ଏହି କଣିକାକୁ ିନ୍ ର ଅନୁପସ୍ଥିତ ଯୋଗୁଁ ରକ୍ତକଣିକାର ଗୋଟିଏ କଣିକା ପ୍ରଭାବିତ ହୋଇଥିଲା । ସେଲ୍‌ର ଏହି କଣିକାକୁ ଏଣ୍ଡୋପ୍ଲାଷ୍ଟିକ୍ ରେଟିଓକୋଲମ୍ କୁହାଯାଏ........ ଆମେ ଏହା ପ୍ରକାଶ କଲୁ ଯେ, LPIN-1 ପ୍ରୋଟିନ୍‌ର ଅନୁପସ୍ଥିତିରେ ଏହି ୍ ରେଟିଓକୋଲମ୍ କୁହାଯାଏ........ ଆମେ ଏହା ପ୍ରକାଶ କଲୁ ଯେ, LPIN-1 ପ୍ରୋଟିନ୍‌ର ଅନୁପସ୍ଥିତିରେ ଏହି ଏଣ୍ଡୋପ୍ଲାଷ୍ଟିକ୍ ରେଟିଓକୋଲମ୍ ପ୍ରଭାବିତ ହୋଇଥାଏ । ଯାହାକୁ ER-STRESS କୁହାଯାଏ । ER ରେ କିଛି ପ୍ରୋଟିନ ଥାଏ ଯାହାକୁ SREBP2 & SREBP1-C କୁହାଯାଏ ।

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan